# ବସ୍ ଚାଳକଙ୍କୁ ଦୁର୍ବ୍ୟବହାର ଓ ସରକାରୀ ଗାଡ଼ି ଭଙ୍ଗାରୁଜା

**ଦିଗପହଣ୍ଡି,୩।୧(ସମିସ):** ରାଜ୍ୟ ସଡ଼କ ପରିବହନ ନିଗମର ସରକାରୀ ଯାତ୍ରୀବାହୀ ବସ୍‌କୁ ଅଟକାଇ ଚାଳକଙ୍କୁ ଦୁର୍ବ୍ୟବହାର ଏବଂ ବସ୍ ଭଙ୍ଗାରୁଜା ନେଇ ଅଭିଯୋଗ ହୋଇଛି। ଏନେଇ ଚାଳକ ଦିଗପହଣ୍ଡି ଥାନାରେ ଏତଲା ଦେଇଥିବା ଜଣାପଡିଛି। ଗତ ୩୧ ତାରିଖ ବୁଧବାର ବିଳମ୍ବିତ ରାତି ପ୍ରାୟ ୧ଟାରେ ଦିଗପହଣ୍ଡି ପୁରୁଣା ବସ୍‌ଷ୍ଟାଣ୍ଡଠାରେ କିଛି ଯୁବକ ଜିରୋ ନାଇଟ ପାଳନ କରୁଥିବାବେଳେ ଭୁବନେଶ୍ୱରରୁ ଭାୟା ଦିଗପହଣ୍ଡି ଦେଇ କୋରାପୁଟ ଅଭିମୁଖେ ଯାଉଥିବା ସରକାରୀ ବସ୍ (ନଂ-ଓଡି ୦୨ସିଟି- ୪୨୦୪) କୁ ସେମାନେ ଅଟକାଇବାକୁ ଚେଷ୍ଟା କରିଥିଲେ। କିନ୍ତୁ ଚାଳକ ନ ରଖି ଦ୍ରୁତଗତିରେ ପଳାଇଥିଲେ। ଏହାପରେ ଯୁବକମାନେ ଏକ କାର୍ (ନଂ.ଓଡି୦୭ଏଏନ୍-୬୨୪୬) ଯୋଗେ ବସ୍‌ର ପିଛା କରି ଦିଗପହଣ୍ଡି ପୁଞ୍ଜିକୟାଁ ଛକଠାରୁ ଅଳ୍ପ ଦୂରରେ ଅଟକାଇ ଚାଳକଙ୍କୁ ଦୁର୍ବ୍ୟବହାର କରିଥିଲେ। ଏପରିକି ନିଶାସକ୍ତ ଯୁବକମାନେ ବସ୍‌କୁ ଟେକାପଥର ମାରି ଭଙ୍ଗାରୁଜା କରିବା ସହ ବସ୍‌ର ସମ୍ମୁଖ କାଚ ଭାଙ୍ଗି ଦେଇ ଚାଲି ଯାଇଥିଲେ। ବସ୍‌ଟି ସୁରକ୍ଷିତ ଅବସ୍ଥାରେ କୋରାପୁଟ ଅଭିମୁଖେ ଯାତ୍ରା କରିଥିବା ବେଳେ ଶୁକ୍ରବାର କୋରାପୁଟରୁ ଭୁବନେଶ୍ୱର ଫେରିବା ବାଟରେ ଦିଗପହଣ୍ଡି ଥାନାରେ ପହଞ୍ଚି ଚାଳକ ରଘୁନାଥ ସାହୁ ୫ ଜଣ ଯୁବକଙ୍କ ନାଁରେ ଏତଲା ଦେଇଛନ୍ତି। ତେବେ ସେମାନଙ୍କ ପରିଚୟ ମିଳିନଥିବାବେଳେ ଏକ ମାମଲା ରୁଜୁ କରି ଏଏସଆଇ ମନୋଜ ସିଂଙ୍କୁ ତଦନ୍ତ ଦାୟିତ୍ୱ ଦିଆଯାଇଥିବା ଆଇଆଇସି ତଥା ଡିଏସ୍‌ପି ପ୍ରଶାନ୍ତ କୁମାର ପାତ୍ର ସୂଚନା ଦେଇଛନ୍ତି।

ଫୁଟ୍‌ବଲ୍ ମ୍ୟାଚ୍ ପରେ ଷ୍ଟାଡିୟମ୍‌ରେ ଉତ୍ତେଜନା

# ବିଜୟ ଉତ୍ସବବେଳେ ଦୁଇ ଟିମ୍ ମଧ୍ୟରେ ଧସ୍ତାଧସ୍ତି



**ବ୍ରହ୍ମପୁର,୩।୧(ସମିସ):** ବ୍ରହ୍ମପୁର ସ୍ଥିତ ମହାତ୍ମାଗାନ୍ଧୀ ଷ୍ଟାଡିୟମରେ ଚାଲିଥିବା ଫୁଟବଲ୍ ଟୁର୍ଣ୍ଣାମେଣ୍ଟର ଫାଇନାଲ୍ ମ୍ୟାଚ ପରେ ଉତ୍ତେଜନା ଦେଖିବାକୁ ମିଳିଛି। ୨ ଫୁଟବଲ ଦଳର ଖେଳାଳିଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଛି। ବ୍ରହ୍ମପୁରର ଗେଟ୍‌ବଜାର ଦଳକୁ ପେନାଲ୍‌ଟି ସୁଟ୍‌ରେ ହରାଇ ଭଞ୍ଜନଗର ବିଜୟୀ ହେବା ପରେ ଖେଳାଳିମାନେ ଉତ୍ସାହିତ ହେବାକୁ କେନ୍ଦ୍ରକରି ଏହି ଗଣ୍ଡଗୋଳ ହୋଇଛି। ତେବେ ପୁଲିସ ଏବଂ ଷ୍ଟାଡିୟମ କର୍ତ୍ତୃପକ୍ଷଙ୍କ ହସ୍ତକ୍ଷେପ ପରେ ପରିସ୍ଥିତି ଶାନ୍ତ ପଡିଛି।

ସୂଚନାଥାଉକି, ଚଳିତ ମାସ ୧ ତାରିଖ ଠାରୁ ୩ ତାରିଖ ଯାଏଁ ବ୍ରହ୍ମପୁର ଷ୍ଟାଡିୟମରେ ଭାରତରତ୍ନ ଅଟଳବିହାରୀ ବିଜପେୟୀ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ହୋଇଥିଲା। ଏଥିରେ ବିଭିନ୍ନ ଅଞ୍ଚଳର ଫୁଟବଲ୍ ଦଳ ଅଂଶଗ୍ରହଣ କରିଥିବା ବେଳେ ଶନିବାର ଅପରାହ୍ନରେ ଗେଟ୍‌ବଜାରଦଳଓଭଞ୍ଜନଗରଦଳମଧ୍ୟରେ ଫାଇନାଲ୍ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ପେନାଲଟି ସୁଟରେ ଭଞ୍ଜନଗର ଦଳ ବିଜୟୀ ହୋଇଥିଲା। ବିଜୟୀ ହେବା ପରେ ଦଳର ଖେଳାଳିମାନେ ଉତ୍ସାହିତ ହୋଇ ନିଜ ଭିତରେ ଖୁସି ମନାଇଥିଲେ। ଗେଟ୍‌ବଜାର ଦଳର ଖେଳାଳିମାନେ ଏହାର ପ୍ରତିବାଦ କରିବାକୁ ପଡ଼ିଆ ମଝିରେ ହିଁ ଉଭୟ ଦଳର ଖେଳାଳି ମୁହାଁମୁହିଁ ହୋଇଥିଲେ। ଉଭୟ ପକ୍ଷ ମଧ୍ୟରେ ଧସ୍ତାଧସ୍ତି ଓ ଠେଲାପେଲା ହୋଇଥିଲା। କିଛିସମୟ ପାଇଁ ଷ୍ଟାଡିୟମ୍‌ର ମୁଖ୍ୟ ପଡ଼ିଆରେ ଉତ୍ତେଜନାମୂଳକ ପରିସ୍ଥିତି ଲାଗି ରହିଥିଲା। ପୁଲିସ ଓ ଦାୟିତ୍ୱରେ ଥିବା କର୍ମଚାରୀଙ୍କ ହସ୍ତକ୍ଷେପ ପରେ ଉଭୟ ପକ୍ଷ ଖେଳାଳି ଶାନ୍ତ ପଡ଼ିଥିଲେ।

# ଚୋରି ସାମଗ୍ରୀ ଜବତ; ଜଣେ ଗିରଫ



**ଖଲ୍ଲିକୋଟ,୩।୧(ସମିସ):** ଖଲ୍ଲିକୋଟ ଥାନା ଅନ୍ତର୍ଗତ ବାଗଲପୁର ଗ୍ରାମରୁ ଚୋରି ହୋଇଥିବା ସମସ୍ତ ସାମଗ୍ରୀ ଜବତ ସହ ବାଲୁଗାଁ ଥାନା ନାଭାଲ ଅଞ୍ଚଳରୁ ଅଭିଯୁକ୍ତକୁ ଗିରଫ କରିବାରେ ସଫଳ ହୋଇଛି ପୁଲିସ। ଗିରଫ ଅଭିଯୁକ୍ତ ଆସ୍କା ଥାନା ଜଗନ୍ନାଥପଲ୍ଲୀ ଗ୍ରାମର ପପୁ ନାୟକ (୨୮)। ବାଗଲପୁର ଗ୍ରାମର ସୁଲୁ ସ୍ୱାଇଁଙ୍କ ଘରେ କେହି ନଥିବାର ସୁଯୋଗ ନେଇ ଦୁର୍ବୃତ୍ତ କଂକ୍ରିଟ କଟିଂ ମେସିନ, ଲୁହା ରଡ଼ କଟିଂ ମେସିନ, କଂକ୍ରିଟ ବ୍ରେକର, କଂକ୍ରିଟ ଡ୍ରିଲ ମେସିନ, କାଠ ପ୍ଲାଇ କଟିଂ ମେସିନ ଓ ଗୋଟିଏ ଗ୍ରାଇଣ୍ଡର ଚୋରି କରି ନେଇଥିଲା। ଏନେଇ ଗତ ମାସ ୨୮ରେ ଭେଜିପୁଟ ଫାଣ୍ଡିରେ ସୁଲୁ ଅଭିଯୋଗ କରିଥିଲେ। ମାମଲା ରୁଜୁ କରି ଥାନା ଅଧିକାରୀ ରମେଶ କୁମାର ପ୍ରଧାନଙ୍କ ନିର୍ଦ୍ଦେଶ କ୍ରମେ ଫାଣ୍ଡି ଅଧିକାରୀ ଦେବାଶିଷ ମିଶ୍ର ତଦନ୍ତ ଆରମ୍ଭ କରିଥିଲେ। ଶନିବାର ସକାଳେ କୌଣସି ସୂତ୍ରରୁ ଖବର ପାଇ ଫାଣ୍ଡି ଅଧିକାରୀ ଦେବାଶିଷ ମିଶ୍ର ସଦଳବଳ ବାଲୁଗାଁ ଥାନା ନାଭାଲ ଅଞ୍ଚଳରେ ଚଢ଼ଉ କରି ଅଭିଯୁକ୍ତ ପପୁ ନାୟକକୁ ଗିରଫ କରିବା ସହ ତା ଠାରୁ ସମସ୍ତ ଚୋରି ସାମଗ୍ରୀ ଉଦ୍ଧାର କରିଛନ୍ତି। ଥାନା ଅଧିକାରୀ ରମେଶ କୁମାର ପ୍ରଧାନଙ୍କ ଉପସ୍ଥିତିରେ ଉଦ୍ଧାର ହୋଇଥିବା ସମସ୍ତ ଚୋରି ସାମଗ୍ରୀକୁ ଅଭିଯୋଗକାରୀ ସୁଲୁଙ୍କୁ ହସ୍ତାନ୍ତର କରାଯାଇଛି।

# ପ୍ରଭାକର ସ୍ମାରକୀ ଭଲିବଲ୍ ଟୁର୍ଣ୍ଣାମେଣ୍ଟ: ଗୁମ୍ମା ଟିମ୍ ବିଜୟୀ

**ଦିଗପହଣ୍ଡି,୩।୧(ସମିସ):** ଦିଗପହଣ୍ଡି ସ୍ଥିତ ଖେମୁଣ୍ଡି ସ୍ପୋର୍ଟିଂ କ୍ଲବ୍ ଆନୁକୁଲ୍ୟରେ ସ୍ଥାନୀୟ ବଡ଼ଖେମୁଣ୍ଡି ହାଇସ୍କୁଲ ଖେଳପଡ଼ିଆରେ ଗତ ଏକ ସପ୍ତାହ ଧରି ଚାଲିଥିବା ସ୍ୱର୍ଗତ ପ୍ରଭାକର ରେଡ୍ଡୀ ସ୍ମାରକୀ ଭଲିବଲ ଟୁର୍ଣ୍ଣାମେଣ୍ଟର ପୂର୍ବରୁ ବ୍ରହ୍ମପୁରର ବରିଷ୍ଠ ସମାଜସେବୀ ପୂର୍ଣ୍ଣଚନ୍ଦ୍ର ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଟୁର୍ଣ୍ଣାମେଣ୍ଟ ପରିଚାଳନା କମିଟି କାର୍ଯ୍ୟକର୍ତ୍ତାମାନଙ୍କ ଉପସ୍ଥିତିରେ ସ୍ୱର୍ଗତ ପ୍ରଭାକରଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଆୟୋଜକ କମିଟି ସମ୍ପାଦକ ବିଚିତ୍ରାନନ୍ଦ ପଟ୍ଟନାୟକ ଡେଙ୍ଗାପଦର ଟିମର କୁଶ ନାୟକଙ୍କୁ ଶ୍ରେଷ୍ଠ ଖେଳାଳି ଭାବେ ମ୍ୟାନ ଅଫ୍ ଦି ମ୍ୟାଚ୍ ଭାବେ ପୁରସ୍କୃତ କରିଥିଲେ। ଟୁର୍ଣ୍ଣାମେଣ୍ଟ ଆୟୋଜକ କମିଟି କାର୍ଯ୍ୟକର୍ତ୍ତା ଅର୍ଦ୍ଧୁ . ଗୋବିନ୍ଦଙ୍କ ସଂଯୋଜନାରେ କମିଟି ସଭାପତି ଶିବଶଙ୍କର ମହାଙ୍କୁଡ, ପରିଚାଳନା କମିଟି କାର୍ଯ୍ୟକର୍ତ୍ତା ଏ . ସାକିଲି, ବାରିକ ବେହେରା, ଲୋକନାଥ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।



ଶନିବାର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ଡେଙ୍ଗାପଦର ଟିମ୍‌କୁ ଗଜପତି ଜିଲ୍ଲା ଗୁମ୍ମା ଗ୍ରାମ ଭଲିବଲ ଟିମ୍ ଏକତରଫା ଭାବେ ସମୁଦାୟ ୫ଟି ମ୍ୟାଚ୍‌ରୁ କ୍ରମାଗତ ୩ଟି ମ୍ୟାଚ୍‌ରେ ପରାସ୍ତ କରି ଫାଇନାଲକୁ ପ୍ରବେଶ କରିଛି। ମ୍ୟାଚ୍ ଆରମ୍ଭ

ଗୋବିନ୍ଦ ନାୟକ ରେଫେରି ଭାବେ ମ୍ୟାଚ ପରିଚାଳନା କରିଥିବା ବେଳେ ଖେମୁଣ୍ଡି ସ୍ପୋର୍ଟିଂ କ୍ଲବ ସଦସ୍ୟ ସମୀର ପଣ୍ଡା, ବୈକୁଣ୍ଠନାଥ ସ୍ୱାଇଁ, ରଞ୍ଜିତ ବେହେରା, ନରେନ୍ଦ୍ର ସାହୁ, ଆର୍ . ମୁନା, ଶିବରୁଦ୍ର ନାୟକ, ସନାତନ ରେଡ୍ଡୀ, ଶଙ୍କର ମହାରଣା, ହୃଦୟ ନନ୍ଦ, କାଳିଆ ରେ‡ୀଙ୍କ ସମେତ ସଦସ୍ୟ ବୃନ୍ଦ ସହଯୋଗ କରିଥିଲେ। ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ରବିବାର ଅନୁଷ୍ଠିତ ଫାଇନାଲ ମ୍ୟାଚରେ ବ୍ରହ୍ମପୁରର ପାୱାର ସିକ୍ସ ଏବଂ ଗଜପତି ଜିଲ୍ଲାର ଗୁମ୍ମା ଟିମ୍ ମଧ୍ୟରେ କଡ଼ା ଟକ୍କର ହେବ ବୋଲି ଦର୍ଶକ ଉତ୍ସାହିତ ରହିଛନ୍ତି।

# ମୃତ ଯୁବକଙ୍କ ମିଳିଲା ପରିଚୟ

**ବ୍ରହ୍ମପୁର,୩।୧(ସମିସ):** ସରକାରୀ ରେଳବାଇ ପୁଲିସ(ଜିଆରପି) ଗତ ଡିସେମ୍ବର ୩୦ ସକାଳେ ଗୋଷାଣିନୂଆଗାଁ ସରସ୍ୱତୀ ଶିଶୁମନ୍ଦିର ପଛପଟ ରେଳଧରଣାରୁ ଜଣେ ଯୁବକଙ୍କ ମୃତଦେହ ଜବତ କରିଥିଲା। ତିନିଦିନ ପରେ ତାଙ୍କ ପରିଚୟ ମିଳିଛି। ସେ ହେଲେ ସଦର ଥାନା ଅନ୍ତର୍ଗତ ଡେଙ୍ଗାପଦର ଗ୍ରାମର କିଶୋର ଜେନାଙ୍କ ପୁଅ ଶଙ୍କର ଜେନା (୨୯)। ପରିବାର ଲୋକ ମେଡିକାଲରେ ପହଞ୍ଚି ମୃତଦେହ ଚିହ୍ନଟ କରିଛନ୍ତି। ମୃତ ଯୁବକଙ୍କ ବଡ଼ଭାଇ ଶିବ ଶଙ୍କର ଜେନା ଜିଆରପି ପୁଲିସ ଉପସ୍ଥିତିତରେ ଭାଇର ଚିହ୍ନଟ କରିଛନ୍ତି। ବ୍ୟବଛେଦ ପରେ ମୃତଦେହ ପରିବାରକୁ ହସ୍ତାନ୍ତର କରାଯାଇଛି।







# କୁହୁଡ଼ି ଯୋଗୁ ଓଲଟିଲା କାର୍; ଜଣେ ଆହତ

**କୁକୁଡ଼ାଖଣ୍ଡି,୩।୧(ସମିସ):** କୁକୁଡ଼ାଖଣ୍ଡି ବ୍ଲକ ଅନ୍ତର୍ଗତ ମହୁରୀକାଳୁଆ-ବ୍ରହ୍ମପୁର ରାସ୍ତାର ଲଙ୍ଗଳଦେଇ ଗ୍ରାମ ନିକଟରେ ଶନିବାର ସକାଳେ ଏକ କାର୍‌ନଂ(ଓଆର୦୨ଏ-୭୦୬୯) ଦୁର୍ଘଟଣାରେ ଜଣେ ଯୁବକ ଆହତ ହୋଇଛନ୍ତି। ଆହତ ଜଣକ ହେଲେ ବ୍ରହ୍ମପୁରର ଜବାହାର ପାଳ। ଘନ କୁହୁଡ଼ି ଯୋଗୁଁ ରାସ୍ତା ଦେଖାଯାଉନଥିଲା। ଫଳରେ କାର୍ ଚାଳକ କାର୍‌ଟିକୁ ରାସ୍ତା ପାଖର୍ ବିଲକୁ ଖସାଇ ଦେବାରୁ ତାହା ଓଲଟି ପଡ଼ିଥିଲା। ସ୍ଥାନୀୟ ଗ୍ରାମବାସୀଙ୍କ ସହାୟତରେ କାର୍‌ଟିକୁ ରାସ୍ତା ଉପରକୁ ଅଣାଯିବା ସହ ଆହତଙ୍କୁ ଉଦ୍ଧାର କରାଯରାଇଥିଲା।

# ଛାତ୍ରଙ୍କ ଇଚ୍ଛା ପୂରଣ କଲେ ନବୀନ



**ଛତ୍ରପୁର, ୩।୧ (ସମିସ):** ବିରୋଧୀଦଳ ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ମସ୍ତିକ ପକ୍ଷାଘାତ ଛାତ୍ର ସୁଗମ କୁମାର ପାଢ଼ୀ(ମୁରାରୀ)ଙ୍କୁ ଭେଟି ଖୁସି ଜାହିର କରିଛନ୍ତି। ସେ ଗଞ୍ଜାମ ଜିଲ୍ଲା ଛତ୍ରପୁର ସହରର ସତ୍ୟବାଦୀନଗର ନିବାସୀ ଆଇନଜୀବୀ ମନୋଜ କୁମାର ପାଢ଼ୀଙ୍କ ପୁଅ। ସୁଗମ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରର ୭ମ ଶ୍ରେଣୀରେ ଅଧ୍ୟୟନରତ। ସେ ବିରୋଧୀଦଳ ନେତା ନବୀନ ପଟ୍ଟନାୟକଙ୍କ ସହ ସାକ୍ଷାତ କରିବା ନିମନ୍ତେ ଇଚ୍ଛା ପ୍ରକାଶ କରିଥିବାରୁ ପରିବାର ପକ୍ଷରୁ ତାଙ୍କୁ ଭେଟିବା ନିମନ୍ତେ ଚିଠି ଲେଖାଇଯାଇଥିଲା। ଯାହାଫଳରେ ମାନସିକ ପକ୍ଷାଘାତ ଛାତ୍ରଙ୍କ ଇଚ୍ଛା ପୂରଣ କରିବା ନିମନ୍ତେ ବିରୋଧୀଦଳର ନେତା ନବୀନ ପଟ୍ଟନାୟକ ତାଙ୍କୁ ଭେଟି ବିଭିନ୍ନ ବିଷୟରେ ପଚାରିଥିଲେ। ଏହି ଅବସରରେ ତାଙ୍କ ସହ ଆଇନଜୀବୀ ମନୋଜ କୁମାର ପାଢ଼ୀ ଉପସ୍ଥିତ ଥିଲେ।




# ବରିଷ୍ଠ ବିତରକଙ୍କ ବିୟୋଗରେ ଶୋକସଭା



**ବ୍ରହ୍ମପୁର, ୩।୧ (ସମିସ):** ବ୍ରହ୍ମପୁର ସହରର ବରିଷ୍ଠ ବିତରକ ତଥା ବିତରକ ସଂଘର ପୂର୍ବତନ କୋଷାଧ୍ୟକ୍ଷ ବି. ଆନନ୍ଦ ରାଓଙ୍କ ଶୁକ୍ରବାର ସକାଳେ ହୃଦ୍‌ଘାତରେ ବିୟୋଗ ହୋଇଥିଲା। ଏନେଇ ପେପର ପଏଣ୍ଟଠାରେ ଶନିବାର ସକାଳେ ଏକ ଶୋକସଭା ଆୟୋଜିତ ହୋଇଯାଇଛି। ଏଠାରେ ଖବର କାଗଜ ବିତରଣ କ୍ଷେତ୍ରରେ ଆନନ୍ଦଙ୍କ ଅବଦାନ ସମ୍ପର୍କରେ ଚର୍ଚ୍ଚା କରାଯାଇଥିଲା। ଏଥିସହ ତାଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ଦୁଇ ମିନିଟ୍ ନିରବ ପ୍ରାର୍ଥନା କରାଯାଇଛି। ଶୋକସଭାରେ ସକାଳ ବ୍ରହ୍ମପୁର ସଂସ୍କରଣ ମୁଖ୍ୟ ଶକ୍ତିଧର ରାଜଗୁରୁ, ସକାଳ ବିତରକ ରାଧାକୃଷ୍ଣ ରତଙ୍କ ସମେତ ବ୍ରହ୍ମପୁର ଖବର କାଗଜ ବିତରକ ସଂଘର ସଭାପତି ପୂର୍ଣ୍ଣଚନ୍ଦ୍ର ଦୋରା, ଉପ ସଭାପତି ଦୀନବନ୍ଧୁ ସାମନ୍ତରାୟ, ସମ୍ପାଦକ ଲିଙ୍ଗରାଜ ଆଚାରୀ, ଯୁଗ୍ମ ସମ୍ପାଦକ ନିରଞ୍ଜନ, ପୂର୍ବତନ ସଭାପତି ହରେକୃଷ୍ଣ ପାଢୀ, ଉପେନ୍ଦ୍ର ବିଶ୍ୱାଳ, ହେମାନନ୍ଦ, ବିପ୍ରଚରଣ ସାହୁ, ବଦ୍ରି ନାରାୟଣ ପାତ୍ର, ରାମ ନାୟକ, ଶଙ୍କର ବେହେରା, ଭାଗିରଥୀ ବେହେରା ପ୍ରମୁଖ ସଦସ୍ୟଗଣ ଉପସ୍ଥିତ ଥିଲେ।

# ମୀନା ଦ୍ୟାନସାମନ୍ତରା ଜିଲ୍ଲା ବିଜେପି ଉପସଭାପତି

**ପାତ୍ରପୁର,୩।୧(ସମିସ):** ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ଗଞ୍ଜାମ ଜିଲ୍ଲା ବିଜେପି କମିଟି ଗଠନ କରିଥିବା ବେଳେ ଚିକିଟି ନିର୍ବାଚନମଣ୍ଡଳୀ ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରାଙ୍କ ପତ୍ନୀ ତଥା ବ୍ରହ୍ମପୁର ସାଂସଦ ପ୍ରତିନିଧି ମୀନା ଦ୍ୟାନ ସାମନ୍ତରା ଗଞ୍ଜାମ ଜିଲ୍ଲା ବିଜେପି ଉପସଭାପତି ଭାବେ ମନୋନୀତ ହୋଇଛନ୍ତି। ଏହି ଘୋଷଣା ପରେ ଶ୍ରୀମତୀ ସାମନ୍ତରା ରାଜ୍ୟ ସଭାପତିଙ୍କୁ ଧନ୍ୟବାଦ ଜ୍ଞାପନ କରିଛନ୍ତି। ସେହିଭଳି ମୀନା ଦ୍ୟାନ ସାମନ୍ତରା ଏହି ପଦବୀ ପାଇବା ପରେ ବିଧାୟକଙ୍କ ସମେତ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି। ଶ୍ରୀମତୀ ସାମନ୍ତରା ସଦାସର୍ବଦା ନିଜ ନିର୍ବାଚନ ମଣ୍ଡଳୀରେ ବହୁ ସାମାଜିକ କାର୍ଯ୍ୟରେ ନିଜକୁ ସାମିଲ କରୁଥିବା ବେଳେ ସାଧାରଣ ଲୋକଙ୍କ ଅସୁବିଧା ସମୟରେ ସେମାନଙ୍କୁ ସହଯୋଗର ହାତ ବଢ଼ାଇବାର ନଜିର ରହିଛି। ସେହିଭଳି ନିର୍ବାଚନ ମଣ୍ଡଳୀ ଲୋକେ ଆମ ପରିବାର ଏବଂ ସେମାନଙ୍କ ଅସୁବିଧା ସମୟରେ ସହଯୋଗ କରିବା ଆମର କର୍ତ୍ତବ୍ୟ ବୋଲି ଶ୍ରୀମତୀ ସାମନ୍ତରା ପ୍ରକାଶ କରିଛନ୍ତି।






# ମାଟିରେ ମିଶିବ ବ୍ରହ୍ମପୁରର ଦୁଇ ବିପଦସଂକୁଳ କୋଠା

**ବ୍ରହ୍ମପୁର,୩।୧(ସମିସ):** ଖୁବ୍‌ଶୀଘ୍ର ମାଟିରେ ମିଶିବ ବ୍ରହ୍ମପୁର ସହରର ବହୁ ପୁରୁଣା ତଥା ବିପଦସଂକୁଳ ବହୁତଳ ବିଶିଷ୍ଟ କୋଠା। ଦୀର୍ଘବର୍ଷ ପୂର୍ବରୁ ଉଭୟ

- ଏମ୍‌କେସିଜି 'ପୁରୁଣା ଇନ୍‌ଡୋର' କୋଠାକୁ ଭାଙ୍ଗୁଛି ଦିଲ୍ଲୀର ଘରୋଇ ସଂସ୍ଥା
- ୭କୋଟି ବ୍ୟୟରେ ପୁରୁଣା 'ବିଡିଏ' ଅଫିସ୍ ସ୍ଥାନରେ ନିର୍ମାଣ ହେବ ମାର୍କେଟ କମ୍ପ୍ଲେକ୍ସ






କୋଠାକୁ ପୂର୍ତ୍ତବିଭାଗ ପକ୍ଷରୁ ବିପଦସଂକୁଳ ଘୋଷଣା କରାଯାଇଛି। ଭଙ୍ଗାଯିବାକୁ ଥିବା ଦୁଇଟି କୋଠା ମଧ୍ୟରୁ ୧୯୭୩ମସିହାରେ ତତ୍କାଳୀନ ସ୍ୱାସ୍ଥ୍ୟମନ୍ତ୍ରୀ ବାଙ୍କବିହାରୀ ଦାସଙ୍କ ଦ୍ୱାରା ଉଦ୍‌ଘାଟିତ ଏମକେସିଜି ମେଡିକାଲର ଇନଡୋର କୋଠା ଅନ୍ୟତମ। ଉକ୍ତ କୋଠାକୁ ଭାଙ୍ଗିବା ପାଇଁ ସରକାରୀ ସ୍ତରରେ ଅନୁମୋଦନ ପରେ ଏନେଇ ଟେଣ୍ଡର ଆହ୍ୱାନ କରାଯାଇଥିଲା। ଦିଲ୍ଲୀର ଘରୋଇ ସଂସ୍ଥା ହରିସନ ଆଇରନ ଷ୍ଟୋର ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ମୂଲ୍ୟ ୧କୋଟି ୭ଲକ୍ଷ ୩୦ହଜାର ୬୧ଟଙ୍କା ଠାରୁ କିଛି ଅଧିକ ଟଙ୍କା ପୈଠ କରି ଉକ୍ତ ଟେଣ୍ଡର ହାତେଇଥିବା ପୂର୍ତ୍ତବିଭାଗ ସହକାରୀ ଯନ୍ତ୍ରୀ ସୁରେନ୍ଦ୍ରନାଥ ପଣ୍ଡା ସୂଚନା ଦେଇଛନ୍ତି। କୋଠାକୁ ସମ୍ପୂର୍ଣ୍ଣ ଭାଙ୍ଗିବା ପରେ ଉକ୍ତ ଜମିରେ କ'ଣ କରାଯିବ ସେନେଇ ପରବର୍ତ୍ତି ନିଷ୍ପତ୍ତି ନିଆଯିବ କହିଛନ୍ତି ଏମକେସିଜି ମେଡିକାଲ ଓ କଲେଜର ଡିନ୍ ପ୍ରଫେସର ଡା. ସୁଚିତ୍ରା ଦାଶ।

ସେହିଭଳି ଭଙ୍ଗାଯିବାକୁ ଥିବା ସହରର ଅନ୍ୟତମ ପୁରୁଣା କୋଠା ହେଉଛି ବିଡିଏ ବା ବ୍ରହ୍ମପୁର ଉନ୍ନୟନ କର୍ତ୍ତୃପକ୍ଷଙ୍କ କାର୍ଯ୍ୟାଳୟ କୋଠା। ୧୯୮୧ମସିହାରେ ଉଦ୍‌ଘାଟିତ ଏହି ୩ମହଲା ବିଶିଷ୍ଟ କୋଠାର ତଳଭାଗରେ ୧୦ରୁ ୧୨ଟି ଦୋକାନ ଘର ଥିବା ବେଳେ ଉପରଭାଗରେ ବିଡିଏକାର୍ଯ୍ୟାଳୟଚାଲିଥିଲା। ପରବର୍ତ୍ତିସମୟରେବିଡିଏର ନିଜସ୍ୱ କୋଠା ନିର୍ମାଣ ପରେ ଏହି ପୁରୁଣା କୋଠାକୁ ମଧ ପୂର୍ତ୍ତବିଭାଗ ପକ୍ଷରୁ ବହୁବର୍ଷ ପୂର୍ବରୁ ଅସୁରକ୍ଷିତ ଘୋଷଣା କରାଯାଇଛି। ବର୍ତ୍ତମାନ ସେଠାରେ ଚାଲୁ ଥିବା ୩ଟି ଦୋକାନ ଗୃହକୁ ତୁରନ୍ତ ଖାଲି କରିବାକୁ ବିଇଡିଏ ପକ୍ଷରୁ ଗତ ଡିସେମ୍ବରରେ ନୋଟିସ ଜାରି କରାଯାଇଛି। ଏହି କୋଠାରୁ ସମସ୍ତ ଲିଜଧାରୀ ବା ଭଡାଟିଆ ଖାଲି କରିବା ପରେ ଭାଙ୍ଗି ଦିଆଯିବ ବୋଲି କହିଛନ୍ତି ବିଇଡିଏ ଉପାଧକ୍ଷ ପ୍ରଥମେଷ ଅରବିନ୍ଦ ରାଜେଶିର୍କେର୍। ଉକ୍ତ ଜମିରେ ୩ମହଲା ବିଶିଷ୍ଟ ଅତ୍ୟାଧୁନିକ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ପାଇଁ ଯୋଜନା ରହିଛି। ଏଥିପାଇଁ ବିଇଡିଏ ପକ୍ଷରୁ ପ୍ରାୟ ୭କୋଟି ଟଙ୍କାର ବ୍ୟୟ ଅଟକଳ କରାଯାଇଥିବା ବେଳେ ଉକ୍ତ କମ୍ପ୍ଲେକ୍ସରେ ବ୍ୟାଙ୍କ ଓ ଶିକ୍ଷାନୁଷ୍ଠାନକୁ ଭଡ଼ା ସୂତ୍ରରେ ଦିଆଯିବ ବୋଲି ପ୍ରାଥମିକ ସୂଚନା ମଳିଛି।



# ମୁହାଁମୁହିଁ ଧକ୍କା ପରେ ଜଳିଗଲା କାର୍, ବୁଲେଟ୍



ଦୁଇ ଭାଇ ଗୁରୁତର

ଟିକାବାଲି,୩।୧(ସମିସ): କନ୍ଧମାଳ ଜିଲ୍ଲା ଟିକାବାଲି ଥାନା ଡୁଙ୍ଗି ନିକଟରେ ଏକ କାର୍ ଓ ବୁଲେଟ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହେବାରୁ ଉଭୟ ଗାଡ଼ିରେ ନିଆଁ ଲାଗିଯାଇଥିଲା। ଏହି ଦୁର୍ଘଟଣାରେ ଦୁଇଭାଇ ଗୁରୁତର ଆହତ ହୋଇ ଭୁବନେଶ୍ୱର ଏମ୍ସରେ ଚିକିତ୍ସିତ ହେଉଛନ୍ତି।

ସୂଚନା ମୁତାବକ, ଟିକାବାଲି ଥାନା ବେଡ଼ାସୁଗା ଗ୍ରାମର ପର୍ଶୁରାମ ନାୟକଙ୍କ ଦୁଇ ପୁଅ ରାଜେଶ ନାୟକ (୨୨) ଏବଂ ସିପୁ ନାୟକ (୧୯) ଆଜି ସକାଳେ ଏକ ବୁଲେଟ୍‌ରେ ଭଞ୍ଜନଗର ବ୍ଲକ କୁଲାଙ୍ଗୀ ଅଭିମୁଖେ ଔଷଧ ଆଣିବାକୁ ବାହାରିଥିଲେ। ମାତ୍ର ଡୁଙ୍ଗି ନିକଟରେ ପହଞ୍ଚିବା ବେଳକୁ ବିପରୀତ ଦିଗ ଅର୍ଥାତ୍ କଳିଙ୍ଗା ପଟରୁ ଭଞ୍ଜନଗରରୁ ରାଉରକେଲା ଯାଉଥିବା ଏକ କାର୍ ସହ ଧକ୍କା ହୋଇଥିଲା। ଦୁର୍ଘଟଣାରେ ବୁଲେଟରେ ବସିଥିବା ରାଜେଶ ଓ ସିପୁ ଗାଡ଼ିରୁ ବହୁ ଦୂରକୁ ଛିଟିକି ପଡ଼ିଥିଲେ। ଦୁର୍ଘଟଣାର କିଛି ସେକେଣ୍ଡ ମଧ୍ୟରେ ଉଭୟ କାର୍ ଏବଂ ବୁଲେଟ୍‌ରେ ନିଆଁ ଲାଗିଯାଇଥିଲା। ସୌଭାଗ୍ୟବଶତଃ କାରରେ ଥିବା ଦମ୍ପତି ନିଆଁ ବ୍ୟାପିବା ପୂର୍ବରୁ ବାହାରକୁ ବାହାରି ଆସିବାରେ ସଫଳ ହୋଇଥିଲେ। ସ୍ଥାନୀୟ ଲୋକେ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଆହତ ଦୁଇ ଭାଇଙ୍କୁ ଉଦ୍ଧାର କରିବା ସହ ଟିକାବାଲି ପୁଲିସ ଓ ଦମକଳ ବାହିନୀକୁ ଖବର ଦେଇଥିଲେ। ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିବା ବେଳେ ପୁଲିସ ସହାୟତାରେ ଆହତଙ୍କୁ ପ୍ରଥମେ ଟିକାବାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ଉଭୟଙ୍କ ଅବସ୍ଥା ଅତ୍ୟନ୍ତ ସଂକଟାପନ୍ନ ଥିବାରୁ ପ୍ରଥମେ ରାଜେଶଙ୍କୁ ଏବଂ ପରେ ସନ୍ଧ୍ୟାରେ ସିପୁଙ୍କୁ ଏମ୍ସ ସ୍ଥାନାନ୍ତର କରାଯାଇଛି। ରାଜେଶଙ୍କ ଅବସ୍ଥା ଅଧିକ ଉଦ୍‌ବେଗଜନକ ଥିବା ଜଣାପଡିଛି। ପୁଲିସ ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ ଜବତ କରି ତଦନ୍ତ ଚଳାଇଛି।

# ବୁଲେଟ୍‌ର ବିକଟାଳ ଶବ୍ଦକୁ ନେଇ ୨ ଗୋଷ୍ଠୀ ମୁହାଁମୁହିଁ



ପୁଲିସ ଓ ପ୍ରଶାସନ ପକ୍ଷରୁ ଶାନ୍ତି ପାଇଁ ବୈଠକ

ଗୁମ୍ମା,୩।୧(ସମିସ): ବୁଲେଟ୍‌ର ବିକଟାଳ ଶବ୍ଦକୁ ନେଇ ଗଜପତି ଜିଲ୍ଲା ସେରଙ୍ଗ ଥାନା ଅନ୍ତର୍ଗତ ଗାଇବା ଗ୍ରାମରେ ଦୁଇ ଗୋଷ୍ଠୀ ମଧ୍ୟରେ ମାର୍‌ପିଟ୍ ହୋଇଛି। ଗାଇବା ପାଇକ ସାହିରେ ଖ୍ରୀଷ୍ଟିଆନ ସାହିର ଦୁଇଜଣ ଯୁବକ ବୁଲେଟ ଗାଡ଼ିରେ ପ୍ରଚଣ୍ଡ ଶବ୍ଦ କରି ସାହି ଭିତରେ ଯିବାଆସିବା କରିବାବେଳେ ପାଇକ ସାହିର ଯୁବକ ଉକ୍ତ ଯୁବକଙ୍କୁ ଏପରି ବିକଟାଳ ଶବ୍ଦ ନ କରିବାକୁ କହିଥିଲେ। ଫଳରେ ଯୁବକଙ୍କ ସମର୍ଥନରେ ଆସି ଖ୍ରୀଷ୍ଟିଆନ ସାହିର କିଛି ଯୁବକ ପାଇକ ସାହି ଭିତରେ ପଶି ଅଶ୍ଳୀଳ ଭାଷାରେ ଗାଳିଗୁଲଜ ସହ ମାର୍‌ପିଟ୍ କରିଥିଲେ। ଘଟଣାସ୍ଥଳରେ ସେରଙ୍ଗ ଥାନା ଅଧିକାରୀ ପ୍ରମୋଦ କୁମାର ଖଣ୍ଡୁଆଳ ଓ ଗାଇବା ପୁଲିସ ଫାଣ୍ଡି ଅଧିକାରୀ ରାମକୃଷ୍ଣ ଦାସ ପହଁଞ୍ଚି ସ୍ଥିତି ନିୟନ୍ତ୍ରଣ କରିଥିଲେ। ଘଟଣା ସମ୍ପର୍କରେ ଜାଣିବା ପରେ ଏସ୍‌ପି ଯତୀନ୍ଦ୍ର କୁମାର ପଣ୍ଡା ପହଞ୍ଚି ଆହତ ଯୁବକଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇ ଚିକିତ୍ସା କରାଇଥିଲେ। ଏସ୍‌ପିଙ୍କ ନିର୍ଦ୍ଦେଶ କ୍ରମେ ପାରଳାଖେମୁଣ୍ଡି ଏସ୍‌ଡିପିଓ ରାମକୃଷ୍ଣ ପତି, ଗୁମ୍ମା ତହସିଲଦାର ଶରତ ଶବର, ସେରଙ୍ଗ ଥାନା ଅଧିକାରୀ ପ୍ରମୋଦ କୁମାର ଖଣ୍ଡୁଆଳ ଓ ଗାଇବା ଫାଣ୍ଡି ଅଧିକାରୀ ରାମକୃଷ୍ଣ ଦାସଙ୍କ ଉପସ୍ଥିତରେ ଗାଇବା ଫାଣ୍ଡିରେ ଉଭୟ ସାହିର ଭଦ୍ରବ୍ୟକ୍ତିଙ୍କ ମଧ୍ୟରେ ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଥିଲା। ଉଭୟ ଗୋଷ୍ଠୀର ମତାମତ ଅନୁସାରେ ମଦ ଯୋଗୁ ଏପରି ସମସ୍ୟା ସୃଷ୍ଟି ହୋଇଛି ବୋଲି ପାଉଲ ପାଣି, ବିକ୍ରମ ପୂଜାରୀ, ସୁରେଶ ପୂଜାରୀ ଓ ଭଦ୍ରବ୍ୟକ୍ତି ମତ ରଖିଥିଲେ। ପରେ ଉଭୟ ଗୋଷ୍ଠୀ ମଧ୍ୟରେ ଉତ୍ତମ ସମ୍ପର୍କ ସ୍ଥାପନ କରିବା ସହ ଭାଇଚାରା ସ୍ଥାପନ କରିବା ପାଇଁ ସହ ଏକ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଥିଲା।

# ୭୫ ଏକର ଜମିରୁ ଗଞ୍ଜେଇ ଗଛ ନଷ୍ଟ



ଟିକାବାଲି,୩।୧(ସମିସ): ଟିକାବାଲି ଅଞ୍ଚଳରେ ବେଆଇନ ଗଞ୍ଜେଇ ଚାଷ ବିରୋଧରେ ପୁଲିସ ଏବଂ ପ୍ରଶାସନ ପକ୍ଷରୁ ଏକ ବଡ଼ ଧରଣର ମିଳିତ ଚଢ଼ଉ କରାଯାଇଛି। ଟିକାବାଲି ଥାନା ଅନ୍ତର୍ଗତ କଇଁଝର ଏବଂ ଗାର୍ଡିଙ୍ଗିଆ ପଞ୍ଚାୟତର ବିଭିନ୍ନ ଦୁର୍ଗମ ସ୍ଥାନରେ ଚାଷ ହୋଇଥିବା ପ୍ରାୟ ୭୫ ଏକର ବେଆଇନ ଗଞ୍ଜେଇ ଗଛକୁ ପୁଲିସ କାଟି ପୋଡ଼ି ନଷ୍ଟ କରିଛି। ଟିକାବାଲି ଥାନା ଅଧିକାରୀ ପ୍ରଜ୍ଞା ରିତାମ୍ବର କରଙ୍କ ନେତୃତ୍ୱରେ ଏହି ଅପରେସନ କରାଯାଇଥିଲା। ଟିକାବାଲି ତହସିଲଦାର ମାଜିଷ୍ଟ୍ରେଟ୍ ଭାବେ ଉପସ୍ଥିତ ଥିଲେ।

# ପୌଷ ପୂର୍ଣ୍ଣିମା ପାଇଁ ମହାପ୍ରଭୁଙ୍କ ସୁନାବେଶ

ଜି.ଉଦୟଗିରି,୩।୧(ସମିସ): ପୌଷ ପୂର୍ଣ୍ଣିମା ଅବସରରେ ସ୍ଥାନୀୟ ଜଗନ୍ନାଥ ମନ୍ଦିରରେ ମହାପ୍ରଭୁ ସୁନା ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି। ମନ୍ଦିର ପୂଜକ ଅଚ୍ୟୁତାନନ୍ଦ ପଣ୍ଡା ମହାପ୍ରଭୁ ଜଗନ୍ନାଥ, ବଡ଼ଭାଇ ବଳଭଦ୍ର, ଭଉଣୀ ସୁଭଦ୍ରାଙ୍କୁ ବିଭିନ୍ନ ଅଳଙ୍କାରରେ ସୁନା ବେଶରେ ସୁସଜ୍ଜିତ କରିଥିଲେ। ଏହି ଅବସରରେ ମା' ଲକ୍ଷ୍ମୀଙ୍କୁ ମଧ୍ୟ ସୁନା ଅଳଙ୍କାର ପିନ୍ଧେଇ ସୁନା ବେଶରେ ସଜ୍ଜିତ କରାଯାଇଥିଲା। ପୂଷ ପୂର୍ଣ୍ଣିମାର ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ କାଳୁ ଚରଣ ପଣ୍ଡା, ଚନ୍ଦ୍ର ଶେଖର ପଣ୍ଡା, ମାନସ ରଞ୍ଜନ ପଣ୍ଡା ସହଯୋଗ କରିଥିବା ବେଳେ ମନ୍ଦିର ପରିଚାଳନା କମିଟି ସଭାପତି ସମୀର କୁମାର ପାଢୀ, କୋଷାଧ୍ୟକ୍ଷ ଗଣେଶ୍ୱର ପାଢ଼ୀ, ସଭ୍ୟ ହେମନ୍ତ ପାଣିଗ୍ରାହୀ ସହଯୋଗ କରିଥିଲେ। ଶନିବାର ପୌଷ ପୂର୍ଣ୍ଣିମାରେ ମହାପ୍ରଭୁଙ୍କ ସୁନାବେଶ ଦର୍ଶନ ନିମନ୍ତେ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ସନ୍ଧ୍ୟା ବେଳେ ମନ୍ଦିର ପରିସରରେ ଅନୁଷ୍ଠିତ ଠାକୁରଙ୍କ ମହା ଆଳତୀ ଦେଖିବାକୁ ଭକ୍ତଙ୍କ ପ୍ରବଳ ଗହଳି ହୋଇଥିଲା।

# ମହିଳାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ଫୁଲବାଣୀ,୩।୧(ସମିସ): ପାରିବାରିକ କଳହରୁ ଦଉଡି ଲଗାଇ ଝୁଲିପଡ଼ିଲେ ମହିଳା। ଘଟଣା ଘଟିଛି ଫୁଲବାଣୀ ଟାଉନ୍ ଥାନା ଅନ୍ତର୍ଗତ ଜଗନ୍ନାଥ ସାହିରେ। ମୃତକ ହେଲେ ଶିବଚନ୍ଦ୍ର ନାୟକଙ୍କ ସ୍ତ୍ରୀ ରଶ୍ମିତା ନାୟକ (୩୨)। ଶୁକ୍ରବାର ରାତିରେ କୌଣସି କାରଣକୁ ନେଇ ଘରେ ପାଟିତୁଣ୍ଡ ହୋଇଥିଲା। ଏହାପରେ ରଶ୍ମିତା ଏକୁଟିଆ ଏକ କୋଠରୀରେ ଶୋଇଥିଲେ। ସକାଳେ ସେ ଘର ଭିତରେ ଫ୍ୟାନରେ ଦଉଡି ଲଗାଇ ଝୁଲି ରହିଥିବା ଦେଖି ପରିବାର ଲୋକେ ଟାଉନ୍ ଥାନାକୁ ଜଣାଇଥିଲେ। ପୁଲିସ ପହଞ୍ଚି ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିନଥିଲେ ମଧ୍ୟ ଏହା ପାରିବାରିକ କଳହ ଜନିତ ଆତ୍ମହତ୍ୟା ହୋଇଥିବା ଅନୁମାନ କରାଯାଉଛି ବୋଲି ଏସ୍‌ଆଇ ମନୋରଞ୍ଜନ ଭୋଇ କହିଛନ୍ତି। ଟାଉନ୍ ଥାନାରେ ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

# ୩୦୦ ଅସହାୟଙ୍କୁ କମ୍ବଳ ବଣ୍ଟନ

ଟିକାବାଲି,୩।୧(ସମିସ): ଟିକାବାଲି ବ୍ଲକ କଟିମାହାରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଅନନ୍ତ ଦୀପ୍ତି ଆଶା ଟ୍ରଷ୍ଟ ପକ୍ଷରୁ ୩୦୦ ଗରିବ, ନିରୀହ ଓ ଅସହାୟ ବ୍ୟକ୍ତିଙ୍କୁ କମ୍ବଳ ବଣ୍ଟନ କରାଯାଇଛି। ଟିକାବାଲି ବ୍ଲକ ଅଧ୍ୟକ୍ଷ ଦିଲୀପ କହଁର ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ସମାଜର ଅବହେଳିତ ଶ୍ରେଣୀର ଲୋକଙ୍କ ସେବା କରିବା ହିଁ ପ୍ରକୃତ ଧର୍ମ। ଅନନ୍ତ ଦୀପ୍ତି ଆଶା ଟ୍ରଷ୍ଟ ଯେଉଁଭଳି ଭାବେ ଜନକଲ୍ୟାଣକାରୀ କାର୍ଯ୍ୟ ଜାରି ରଖିଛି ତାହା ଅନ୍ୟମାନଙ୍କ ପାଇଁ ଏକ ପ୍ରେରଣା ବୋଲି ଅଧ୍ୟକ୍ଷ ଶ୍ରୀ କହଁର କହିଥିଲେ। ସୁଲତା ଦିଗାଲ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କମ୍ବଳ ବଣ୍ଟନ ସମୟରେ ସମାଜସେବୀ ଯୋଶେଫ ଦିଗାଳ, ମନୁ ଦିଗାଳ ଓ ଆକୁଳାନନ୍ଦ ପ୍ରମୁଖ ଉପସ୍ଥିତ ରହି ସ୍ୱେଚ୍ଛାକୃତ ଭାବେ ସହଯୋଗ କରିଥିଲେ। ସୂଚନାଯୋଗ୍ୟ ଯେ, ଏହି ଶିବିରରେ କଟିମାହା ପଞ୍ଚାୟତ ଏବଂ କଇଁଝର ପଞ୍ଚାୟତର ବହୁ ସଂଖ୍ୟକ ବୃଦ୍ଧବୃଦ୍ଧା ଓ ଅସହାୟ ଲୋକ ଉପସ୍ଥିତ ରହି କମ୍ବଳ ଗ୍ରହଣ କରିଥିଲେ।



# ଯୁବ ଦିବସ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ



ପାରଳାଖେମୁଣ୍ଡି,୩।୧(ସମିସ): ସ୍ୱାମୀ ବିବେକାନନ୍ଦ ଲୋକ ସଂସଦ ଗଜପତି ଶାଖା ତରଫରୁ ଏକ ପ୍ରସ୍ତୁତି ବୈଠକ ଉପାନ୍ତପ୍ରହରୀ ପୂର୍ଣ୍ଣଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଜାନୁଆରୀ ୧୨ ଦିନ ସ୍ୱାମୀ ବିବେକାନନ୍ଦ ଜୟନ୍ତୀ ଅବସରରେ ଯୁବ ଦିବସକୁ ଏକ ଜାତୀୟ ପର୍ବ ଭାବେ ପାଳନ କରିବାକୁ ନିଷ୍ପତ୍ତି ନିଆଯାଇଛି। ଏହି ଅବସରରେ ବିଭିନ୍ନ ମହାବିଦ୍ୟାଳୟ ଏବଂ ଉଚ୍ଚ ମାଧ୍ୟମିକ ସ୍ତରରେ ବରିଷ୍ଠ ଓ କନିଷ୍ଠ ବର୍ଗ ମଧ୍ୟରେ ସ୍ୱାମୀ ବିବେକାନନ୍ଦଙ୍କ ଜୀବନ ମାର୍ଗକୁ ଆଧାରିତ କରି ବରିଷ୍ଠ ବର୍ଗଙ୍କ ପାଇଁ ଭାରତର ଉତ୍‌ଥାନ କ୍ଷେତ୍ରରେ ଯୁବ ଶକ୍ତିଙ୍କ ଆଦର୍ଶ ସ୍ୱାମୀ ବିବେକାନନ୍ଦ ଓ କନିଷ୍ଠ ବର୍ଗଙ୍କ ପାଇଁ ଉଚ୍ଚ ମାଧ୍ୟମିକ ସ୍କୁଲ ସ୍ତରରେ ଭାରତର ଧାର୍ମିକ ସ୍ୱାଭିମାନ ଓ ସ୍ୱାମୀ ବିବେକାନନ୍ଦ ବିଷୟରେ ବକ୍ତୃତା ପ୍ରତିଯୋଗିତା ଆସନ୍ତା ରବିବାର ୧୧ ତାରିଖରେ ଉତ୍କଳ ହିତୈଷିଣୀ ସମାଜ ସଭାଗୃହ, ଭଣ୍ଡାରୀ ସାହିରେ କରିବାକୁ ସ୍ଥିର କରାଯାଇଛି। ସେହିଭଳି ଏହି ଜୟନ୍ତୀ ସମାହୋରକୁ ୧୨ ତାରିଖ ଦିନ ବଡ଼ ଧରଣର ପାଳନ କରି ସେହି ଦିନ ଏହି ପୁରସ୍କାର ପ୍ରଦାନ କରିବା ସହ ପୂର୍ବରୁ କରାଯାଇଥିବା ରାଜ୍ୟସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତାର ପୁରସ୍କାର ବିତରଣ କରିବା ସହ ସ୍ୱାମୀଜୀଙ୍କ ଜୀବନ ଆଧାରିତ ସଭା କରିବା ପାଇଁ ସ୍ଥିର ହୋଇଛି। ଏହି ଅବସରରେ ଉପସଭାପତି ବିଚିତ୍ରାନନ୍ଦ ବେବର୍ତ୍ତା, ମନୋଜ କୁମାର ପଟ୍ଟନାୟକ, ପ୍ରିୟବ୍ରତ ଶତପଥୀ, ଡ଼. ବିପ୍ଳବ ପ୍ରଧାନ, ଶଶୀକାନ୍ତ ମହାପାତ୍ର, ରାଜେନ୍ଦ୍ର ରଥ, ମନୋଜ ପଣ୍ଡା, ତ୍ରିପତି ପଣ୍ଡା, ସୀତାରାମ ପ୍ରଧାନ,ଗଣେଶ ପଟ୍ଟନାୟକ, ଏ.ରାମରାଓ, ଅରୁପାଞ୍ଜଳି ମହାନ୍ତି, ସ୍ନିଗ୍ଧା ମିଶ୍ର, ଅନୁଶ୍ରୀ ପଟ୍ଟନାୟକ, ଓ ସ୍ନେହା ବେହେରା ଉପସ୍ଥିତ ଥିଲେ।

# ଶୀତ ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ

ଜି.ଉଦୟଗିରି,୩।୧(ସମିସ): ଜି.ଉଦୟଗିରିରେ ଫେବୃଆରୀ ୩ ରୁ ୭ ତାରିଖ ପର୍ଯ୍ୟନ୍ତ ଶୀତ ମହୋତ୍ସବ ହେବାକୁ ଥିବା ବେଳେ ପ୍ରସ୍ତୁତି ଜୋରସୋରରେ ଚାଲିଛି। ଆଜି ବ୍ଲକ ସଭାଗୃହରେ ଅନୁଷ୍ଠିତ ହୋଇଛି ପ୍ରସ୍ତୁତି ବୈଠକ। କମିଟି ସଭାପତି ଜ୍ଞାନଚନ୍ଦ୍ର ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ହେବାକୁ ଯାଉଥିବା ଶୀତ ମହୋତ୍ସବ ପ୍ରଚାର ପ୍ରସାର ସବୁ ପଞ୍ଚାୟତରେ କରାଯିବ। ଏଥିରେ ସାମିଲ ହେବେ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ, ୱାର୍ଡମେମ୍ବର ଓ ସ୍ୱେଚ୍ଛାସେବୀ। ଏହା ସହିତ ଶୀତ ମହୋତ୍ସବ ପାଇଁ ମୁଖ୍ୟ ମଞ୍ଚ ସହିତ ଷ୍ଟଲ ସ୍ଥଳ ପାଇଁ ସ୍ଥାନ ନିରୂପଣ କରିବାକୁ ସ୍ଥିର କରାଯାଇଥିଲା। ଏହା ସହିତ ଚଳିତ ଚଳିତ ମାସ ୨୦ ତାରିଖରୁ ଗ୍ରାମାଞ୍ଚଳ କ୍ରୀଡ଼ା ଶୀତ ମହୋତ୍ସବ ଫେବୃଆରୀ ୨ ତାରିଖ ପର୍ଯ୍ୟନ୍ତ ଚାଲିବ। ୩ ତାରିଖରୁ ଶୀତ ମହୋତ୍ସବ ସାଂସ୍କୃତିକ କାର୍ଯ୍ୟକ୍ରମ ଆରମ୍ଭ ହେବ। ବୈଠକରେ ମହୋତ୍ସବ କମିଟି କର୍ମକର୍ତ୍ତା ମାନଙ୍କ ସହିତ ସ୍ୱେଚ୍ଛାସେବୀ, ବିଭିନ୍ନ ବିଭାଗୀୟ ଅଧିକାରୀ ଯୋଗ ଦେଇଥିଲେ।

# ନବୀନ ପଟ୍ଟନାୟକଙ୍କୁ ନବବର୍ଷର ଶୁଭେଚ୍ଛା ଜଣାଇଲେ ପାରଳା ବିଧାୟକ



ପାରଳାଖେମୁଣ୍ଡି,୩।୧(ସମିସ): ପାରଳାଖେମୁଣ୍ଡି ବିଧାୟକ ଇଂ. ରୂପେଶ କୁମାର ପାଣିଗ୍ରାହୀ ଶନିବାର ବୀନ ନିବାସରେ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧିଦଳ ନେତା ନବୀନ ପଟ୍ଟନାୟକଙ୍କୁ ସାକ୍ଷାତ କରି ନବବର୍ଷର ଶୁଭେଚ୍ଛା ଜଣାଇଛନ୍ତି। ଏହାସହ ବିଧାୟକଙ୍କ ସହିତ ଜିଲ୍ଲାର ଉନ୍ନୟନମୂଳକ କାର୍ଯ୍ୟ, ଚାଷୀଙ୍କ ସମସ୍ୟା ବିଷୟରେ ମଧ୍ୟ ଆଲୋଚନା କରିଥିବା ସୂଚନା ଦେଇଛନ୍ତି ବିଧାୟକ। ସାକ୍ଷାତ ସମୟରେ ବିଧାୟକଙ୍କ ସହିତ ତାଙ୍କ ସୁପୁତ୍ରୀ ମଧ୍ୟ ଉପସ୍ଥିତ ଥିଲେ।

# ଗୁମ୍ମା ଦେବଗିରି ଉତ୍ସବ ପାଇଁ ପ୍ରସ୍ତୁତି ବୈଠକ

ଗୁମ୍ମା,୩।୧(ସମିସ): ଗୁମ୍ମା ବ୍ଲକ କାର୍ଯ୍ୟାଳୟ ସଦ୍‌ଭାବନା ସଭାଗୃହରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦୁଲାରାମ ମାରାଣ୍ଡିଙ୍କ ଅଧ୍ୟକ୍ଷତାରେ ଗୁମ୍ମା ଦେବଗିରି ଉତ୍ସବ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ବିଡ଼ିଓଙ୍କ ସମେତ ସହକାରୀ ଯନ୍ତ୍ରୀ ବିଭୁ ଚନ୍ଦନ ପୂଜାରୀ, ବରିଷ୍ଠ ମୁଖ୍ୟ କିରାଣି ଦେବେନ୍ଦ୍ର ପ୍ରଧାନ, ବିଏସ୍‌ଏସ୍‌ଓ ସତ୍ୟଜିତ ବେହେରା, ବିଇଓ ନୟନ ରଞ୍ଜନ ମଣ୍ଡଳ, ସିପି ରାକେଶ କୁମାର ସାହୁ, ସାଂସଦ ପ୍ରତିନିଧି ଏସ୍ ଶେଷଗିରି ଓ ସମସ୍ତ ସରପଞ୍ଚ/ସମିତିସଭ୍ୟ ଯୋଗ ଦେଇଥିଲେ। ଆସନ୍ତା ୯ ଏବଂ ୧୦ ତାରିଖରେ ହେବାକୁ ଥିବା ଦେବଗିରି ଉତ୍ସବରେ କେମିତି ଶାନ୍ତି ଶୃଙ୍ଖଳା ବଜାୟ ରହିବ, ଅତିଥିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା, ସ୍ୱଚ୍ଛତା, ଖାଦ୍ୟ ଯୋଗାଣ, ସ୍ଥାନୀୟ କଳା ସଂସ୍କୃତି, ପାରମ୍ପରିକ ଆଦିବାସୀ ଲୋକ ନୃତ୍ୟକୁ ପ୍ରାଧାନ୍ୟ ଦିଆଯିବ ଓ ସ୍ଥାନୀୟ କଳାକାରଙ୍କୁ ସୁଯୋଗ ନେଇ ବୈଠକରେ ଆଲୋଚନା କରାଯାଇଥିଲା। ସେହିପରି ବ୍ଲକର ବିଭିନ୍ନ ଲାଇନ ବିଭାଗର ଅଧିକାରୀ ଓ ସରପଞ୍ଚ/ସମିତିସଭ୍ୟଙ୍କୁ ଉତ୍ସବରେ ଉତ୍ତମ ପରିଚାଳନା ନିମନ୍ତେ ଦାୟିତ୍ୱ ଗ୍ରହଣ କରିବାକୁ ବିଡ଼ିଓ ପରାମର୍ଶ ଦେଇଥିଲେ। ହେବାକୁ ଥିବା ଦେବଗିରି ଉତ୍ସବରେ ଚଳିତବର୍ଷ ନିଆରା ଢଙ୍ଗରେ ସ୍ଥାନୀୟ ଲୋକକଳା ସହିତ ଯୁବପିଢ଼ିମାନଙ୍କ ମନୋରଞ୍ଜନ ନିମନ୍ତେ ରାଜ୍ୟସ୍ତରୀୟ ସୁନାମଧନ୍ୟ କଣ୍ଠଶିଳ୍ପୀମାନଙ୍କୁ ଉକ୍ତ ଉତ୍ସବରେ ସାମିଲ କରିବାକୁ ଯୋଜନା କରାଯାଉଛି ବୋଲି ବିଡ଼ିଓ ମାରାଣ୍ଡି କହିଛନ୍ତି।



# ପ୍ରଧାନମନ୍ତ୍ରୀ ଆବାସ ଯୋଜନା ସଚେତନତା ଶିବିର




ଜି.ଉଦୟଗିରି,୩।୧(ସମିସ): ଜି.ଉଦୟଗିରି ବିଜ୍ଞାପିତ ଅଞ୍ଚଳ ପରିଷଦର ବିଜୁ କଲ୍ୟାଣ ମଣ୍ଡପରେ ସହରାଞ୍ଚଳ ଉଠା ଦୋକାନୀ ଓ ମୁଖ୍ୟ ସଫେଇ କର୍ମଚାରୀଙ୍କୁ ନେଇ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ସମ୍ପର୍କରେ ସଚେତନ ଶିବିର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସରକାର ସମସ୍ତଙ୍କୁ କିପରି ଘର ଯୋଗାଇ ଦେଇପରିବେ ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା। କାର୍ଯ୍ୟନିର୍ବାହି ଅଧିକାରୀ ଆଶୁତୋଷ ଗୌରବ କରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପରିଷଦ କର୍ମଚାରୀଙ୍କ ସହିତ ଶତାଧିକ ସାଧାରଣ ଲୋକେ ଅଂଶଗ୍ରହଣ କରିଥିଲେ।

# ଶାନ୍ତି କମିଟି ବୈଠକରେ ଚନ୍ଦନଖଳା ରାସ୍ତା ନିର୍ମାଣ ପାଇଁ ବାଟ ଫିଟିଲା

ପାରଳାଖେମୁଣ୍ଡି,୩।୧(ସମିସ): ଗଜପତି ଜିଲ୍ଲା ଗୋଷାଣି ବ୍ଲକ ଉପଲଡା ପଞ୍ଚାୟତ ଅନ୍ତର୍ଗତ ବିବାଦୀୟ ଚନ୍ଦନଖଳା ରାସ୍ତା ନିର୍ମାଣ ପାଇଁ ବାଟ ଫିଟିଛି। ଆଜି ଏନେଇ ଗୋଷାଣି ସ୍ଥିତ ଗୋଷ୍ଠୀ ଉନ୍ନୟନ କାର୍ଯ୍ୟାଳୟର ସଭାଗୃହରେ ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଥିଲା। ଉଭୟ ଚନ୍ଦଖଳା ଏବଂ ପାଟିକୋଟା ଗ୍ରାମବାସୀଙ୍କ ଉପସ୍ଥିତିରେ ରାସ୍ତା ନିର୍ମାଣ ପାଇଁ ବାଟ ଫିଟିଛି

ପ୍ରକାଶ ଯେ, ଚନ୍ଦନଖଳା ରାସ୍ତା ଗତ ୩୦ ବର୍ଷରୁ ଉର୍ଦ୍ଧ୍ୱ ସମୟ ପୂର୍ବେ ନିର୍ମାଣ ହୋଇଥିଲେ ହେଁ ୭୦୦ ମିଟର ଅଣଓସାରିଆ ତଥା ମାଟିରାସ୍ତା ଜମି ବିବାଦକୁ ନେଇ ବିବାଦୀୟ ହେବାରୁ ହୋଇପାରୁନଥିଲା। ଏହି ରାସ୍ତା ଉପରେ ଉଭୟ ଗୋଷାଣି ଓ ଗୁମ୍ମା ବ୍ଲକର ୧୦ରୁ ଉର୍ଦ୍ଧ୍ୱ ଗ୍ରାମବାସୀ ନିର୍ଭର କରିଆସୁଥିବା ବେଳେ ୭୦୦ ମିଟର ରାସ୍ତା ଅବସ୍ଥା ଶୋଚନୀୟ ହୋଇ ପଡୁଥିବାରୁ ଯାତାୟାତରେ ନାନାଦି ଅସୁବିଧାର ସମ୍ମୁଖୀନ ହେଉଥିଲେ। ରାସ୍ତା ନିର୍ମାଣ ପାଇଁ ଉଭୟ ଗ୍ରାମବାସୀ ବାରମ୍ବାର ବିଭିନ୍ନ ସମୟରେ ବିଭିନ୍ନ ସ୍ତରରେ ଦାବି କରି ଆସୁଥିଲେ। ୨୦୨୪ ନିର୍ବାଚନ ବର୍ଜନ ନିଷ୍ପତ୍ତି ଠାରୁ ବିଭିନ୍ନ ସମୟରେ ରାସ୍ତାରୋକ ଭଳି ଆନ୍ଦୋଳନ କରିଥିଲେ। ଜିଲ୍ଲାପାଳଙ୍କ ଠାରୁ ଆରମ୍ଭ କରି ଜିଲ୍ଲାସ୍ତରୀୟ ପଦାଧିକାରୀ ରାସ୍ତା ପରିଦର୍ଶନ ଓ ନିରୀକ୍ଷଣ କରିଆସୁଥିଲେ ମଧ୍ୟ ସମାଧାନର ବାଟ ଫିଟିପାରୁନଥିଲା। ଏପରିକି ଲୋକେ ଗତବର୍ଷ ଡିସେମ୍ବର ୨୦ରେ ୩୨୬-'ଏ' ଜାତୀୟ ରାଜପଥକୁ ଘଣ୍ଟା ଘଣ୍ଟା ଧରି ଅବରୋଧ କରିଥିଲେ। ଏହାପରେ ପ୍ରଶାସନର ପ୍ରତିଶ୍ରୁତିରେ ରାସ୍ତାରୋକରୁ ଓହରିଥିଲେ ଆନ୍ଦୋଳନକାରୀ। ପ୍ରଶାସନର ପ୍ରତିଶ୍ରୁତି ପ୍ରକାରେ ଆଜି ଉଭୟ ଗ୍ରାମର ଲୋକଙ୍କ ଉପସ୍ଥିତିରେ ବ୍ଲକ ଅଧ୍ୟକ୍ଷ ଏନ୍. ବୀରରାଜୁଙ୍କ ଅଧ୍ୟକ୍ଷତାରେ ଶାନ୍ତି କମିଟି ବୈଠକ ଡକାଯାଇଥିଲା। ଏଥିରେ ଗୋଷାଣି ବିଡିଓ ଗୌରଚନ୍ଦ୍ର ପଟ୍ଟନାୟକ, ପାରଳାଖେମୁଣ୍ଡି ତହସିଲଦାର ନାରାୟଣ ବେହେରା, କ୍ଷୁଦ୍ରଜଳସେଚନ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ଆଶିଷ ମଲ୍ଲିକ ଓ ପଞ୍ଚାୟତ ଉନ୍ନୟନ ଅଧିକାରୀ ଅଶୋକ କୁମାର ପାତ୍ରଙ୍କ ସମେତ ଉପଲଡା ସମିତିସଭ୍ୟ ବି. ଧନଞ୍ଜୟଙ୍କ ଉପସ୍ଥିତିରେ ଆଲୋଚନା ହୋଇଥିଲା। ବ୍ଲକ ଅଧ୍ୟକ୍ଷ ବୀରରାଜୁ ଉଭୟ ରାସ୍ତା ଓ କେନାଲ ସମସ୍ତଙ୍କ ପାଇଁ ଆବଶ୍ୟକ। ଏଥିପାଇଁ ସମସ୍ତ ବ୍ୟବସ୍ଥା କରାଯିବ ବୋଲି କହିଥିଲେ।



ଶାନ୍ତି କମିଟି ବୈଠକରେ ପାରଳାଖେମୁଣ୍ଡି ଉପଜିଲ୍ଲାପାଳ ଅନୁପ ପଣ୍ଡା ଫୋନ୍ ମାଧ୍ୟମରେ ଆଲୋଚନା କରି କହିଥିଲେ ଯେ, ଯେଉଁ ମାଟି ରାସ୍ତା ରହିଛି ପ୍ରଥମ ପର୍ଯ୍ୟାୟରେ ତୁରନ୍ତ କାର୍ଯ୍ୟ ଆରମ୍ଭ ହେବ। ପରବର୍ତ୍ତୀ ପର୍ଯ୍ୟାୟରେ ସମସ୍ତ ବ୍ୟବସ୍ଥା ଗ୍ରହଣ କରାଯାଇ ଉନ୍ନତିକରଣ କରାଯିବ। ଯାହାକୁ ନେଇ ଚନ୍ଦନଖଳା ଓ ପାଟିକୋଟା ଗ୍ରାମାଞ୍ଚଳବାସୀ ଆପୋଷ ଆଲୋଚନା ପରେ ସହମତି ପ୍ରକାଶ କରିଥିଲେ। ପାଟିକୋଟା ଗ୍ରାମାଞ୍ଚଳର ୩୦୦ ଏକରଚାଷ ଜମିପାଇଁ ଜଳସେଚନ ଲାଗି ଯେଉଁ କେନାଲ ନିର୍ମାଣ ପାଇଁ ଦାବି ହୋଇଛି ସେନେଇ କ୍ଷୁଦ୍ରଜଳସେଚନ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ପଠାଇ ଦିଆଯାଇଛି ଏବଂ ଉଚ୍ଚକର୍ତ୍ତୃପକ୍ଷ ଅନୁମୋଦନ ପାଇଁ ସରକାରଙ୍କ ନିକଟକୁ ପଠାଇ ଦେଇଛନ୍ତି। ଅନୁମୋଦନ ପରେ ସରକାରୀ ଓ ବେସରକାରୀ ଜମି ଚିହ୍ନଟ ହେବ ଏବଂ ବେସରକାରୀ ଜମିର ମାଲିକଙ୍କୁ ଅଧିଗ୍ରହଣ କରାଯିବ। ଯାହାକି ସମୟ ସାପେକ୍ଷ ବୋଲି ସହକାରୀ ନିର୍ବାହୀ ଯନ୍ତ୍ରୀ ଶ୍ରୀ ମଲ୍ଲିକ ସୂଚନା ଦେଇଥିଲେ। ବିଡିଓ ଶ୍ରୀ ପଟ୍ଟନାୟକ ରାସ୍ତା ନିର୍ମାଣ ପାଇଁ ପ୍ରଶାସନ ପକ୍ଷରୁ ଆବଶ୍ୟକ ସହଯୋଗ କରାଯିବ ବୋଲି କହିଛନ୍ତି। ଅନ୍ୟପକ୍ଷରେ ଦୀର୍ଘବର୍ଷ ଧରି ବିବାଦ ଉପୁଜି ଉଭୟ ରାସ୍ତା ଓ କେନାଲ ନିର୍ମାଣ ହୋଇପାରୁ ନଥିଲା। ଆଜି ଶାନ୍ତି କମିଟି ବୈଠକରେ ଉଭୟ ରାସ୍ତା ଓ କେନାଲ ନିର୍ମାଣ ପାଇଁ ବାଟ ଫିଟିଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି।

## ସୁନାପଲ୍ଲୀରେ ଖୋଲିଲା ଧାନମଣ୍ଡି



କବିସୂର୍ଯ୍ୟନଗର,୩।୧(ସମିସ): ସୁନାପଲ୍ଲୀ ପଞ୍ଚାୟତରେ ଧାନ ମଣ୍ଡିର ଉଦ୍‌ଘାଟନ ହୋଇଛି। ଏହି ଧାନ ମଣ୍ଡିରେ ସୋସାଇଟି ସିଧାସଳଖ ଚାଷୀଙ୍କଠାରୁ ଧାନ ସଂଗ୍ରହ ନକରି ଗୋଟିଏ ନିର୍ଦ୍ଦିଷ୍ଟ ମହିଳା ଗୋଷ୍ଠୀ ଜରିଆରେ ଧାନ ସଂଗ୍ରହ ପାଇଁ ସ୍ଥିର ହୋଇଛି। ସମବାୟ ସମିତି ଥାଇ ମଧ୍ୟ କାହିଁକି ଧାନ ସଂଗ୍ରହ ପାଇଁ ଏସ୍‌ଏଚ୍‌ଜିକୁ ଦାୟିତ୍ୱ ଦିଆଯାଇଛି ତାକୁ ନେଇ ଚାଷୀ ପ୍ରଶ୍ନ ଉଠାଇଲେଣି। ସୋସାଇଟି ସିଧା ସଳଖ ଚାଷୀଙ୍କ ଠାରୁ ଧାନ ସଂଗ୍ରହ କଲେ ଅଧିକାରୀ ଏବଂ ନେତାଙ୍କ ମୁନାଫା କମ୍ ହେଉଥିବାରୁ ଏସଏଚଜି ଦ୍ୱାରା କଟ୍‌ନୀ ଛଟ୍‌ନୀ ଜରିଆରେ ଚାଷୀଙ୍କୁ ଅଧିକ ଶୋଷଣ କରି ଅଧିକ ଲାଭ ପାଇବାକୁ ପଞ୍ଚାୟତ ନେତା ନିଜ ପାଖରେ ଏଚ୍‌ଏସ୍‌ଜି ନାମରେ ଧାନ ସଂଗ୍ରହ ପାଇଁ ମସୁଧା ଚାଲିଥିବା ସାଧାରଣରେ ଆଲୋଚନା ହେଉଛି। ତେବେ ଧାନ କ୍ରୟ ବେଳେ ଚାଷୀଙ୍କୁ ଯେଭଳି ଅଧିକ ଶୋଷଣ ନକରାଯିବ ତାହାକୁ ନେଇ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବା ଜରୁରି ହୋଇପଡିଛି।

## ସରପଞ୍ଚ ସଂଘର ପହିଲି ଭୋଗ କାର୍ଯ୍ୟକ୍ରମ



କୁକୁଡ଼ାଖଣ୍ଡି,୩।୧(ସମିସ): କୁକୁଡ଼ାଖଣ୍ଡି ବ୍ଲକ ଅନ୍ତର୍ଗତ ବିଭିନ୍ନ ପଞ୍ଚାୟତର ସରପଞ୍ଚଙ୍କୁ ନେଇ ମହୁରୀ କାଲୁଆ ପୀଠରେ ପହିଲି ଭୋଗ କାର୍ଯ୍ୟକ୍ରମ ବନ୍ଧୁମିଳନ ଅନୁଷ୍ଠିତ ହୋଇଯାଇଛି। ଅନନ୍ତାଇ ସରପଞ୍ଚ ପୂର୍ଣ୍ଣବାସୀ ବିଶ୍ୱାଳଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସରପଞ୍ଚ ପ୍ରତିନିଧି କାମେଶ୍ୱର ବିଶ୍ୱାଳ, କିଶୋର ପାତ୍ର, ବାଘଲଟି ସରପଞ୍ଚ ମାମି ସାସମଲ, ବନ୍ଥପଲ୍ଲୀ ସରପଞ୍ଚ କାମିନୀ ନାୟକ, ଦକ୍ଷିଣପୁର ସରପଞ୍ଚ ଦେବାଶିଷ ସେଠୀ, କୁନା ନାୟକ, ସୁକାନ୍ତ ସାସମଲ, ବନ୍ଦନା ସେଠୀ, ରୋହିଗାଁ ସରପଞ୍ଚ ବଶିଷ୍ଟ ଜେନା, ନିରଞ୍ଜନ ମହାନ୍ତି, ବ୍ଲକ ଉପାଧ୍ୟକ୍ଷା ବିଷ୍ଣୁପ୍ରିୟା ପାତ୍ର, ଜିତେନ୍ଦ୍ର ସେଠୀ, କୈଳାଶ ବିଷୋଇ, ଗୋବିନ୍ଦ ବିଷୋଇ ପ୍ରମୁଖ ଉପସ୍ଥିତ ଥିଲେ।

## ବିଶ୍ୱଶାନ୍ତି ଲାଗି କଳାହାଣ୍ଡିରୁ ପୁରୀ ପଦଯାତ୍ରା



କବିସୂର୍ଯ୍ୟନଗର,୩।୧(ସମିସ): ବିଶ୍ୱଶାନ୍ତି, ପରିବେଶ ଓ ପ୍ରକୃତିର ସୁରକ୍ଷା ଲକ୍ଷ୍ୟ ନେଇ ପଦଯାତ୍ରାରେ ବାହାରିଛନ୍ତି ୧୪ ଜଣ ଶ୍ରଦ୍ଧାଳୁ। ଏହି ଦଳ ଅବସରପ୍ରାପ୍ତ ସଂସ୍କୃତ ପଣ୍ଡିତ ମଙ୍ଗୁଲୁ ମିଶ୍ରଙ୍କ ନେତୃତ୍ୱରେ ଗତ ୨୨ ତାରିଖରୁ କଳାହାଣ୍ଡି ଭବାନୀପାଟଣାରୁ ପଦଯାତ୍ରାରେ ବାହାରିଛନ୍ତି। ଦୀର୍ଘ ୪୩୩ କିମି ପଦଯାତ୍ରା କରି ଶ୍ରୀକ୍ଷେତ୍ର ପୁରୀରେ ଆସନ୍ତା ଜାନୁଆରୀ ୧୦ରେ ପହଞ୍ଚିବା ପାଇଁ ଲକ୍ଷ୍ୟ ରଖିଛନ୍ତି। ଶ୍ରୀଜଗନ୍ନାଥଙ୍କୁ ମାନବ ଜାତି ଉଦ୍ଦେଶ୍ୟରେ ତିନୋଟି ପ୍ରାର୍ଥନା କରିବେ ବୋଲି ଜଣାଇଛନ୍ତି। ଶନିବାର ସନ୍ଧ୍ୟାରେ କବିସୂର୍ଯ୍ୟନଗର ନାରାୟଣପୁର ଶାସନବାସୀଙ୍କ ପକ୍ଷରୁ ଧନେଇ ନଦୀ ଠାରେ ଗିନି, ମୃଦଙ୍ଗ ବଜାଇ ଫୁଲମାଳ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଶନିବାର ଶାସନରେ ରାତ୍ରି ଯାପନ କରି ରବିବାର ପୁଣି ପଦଯାତ୍ରାରେ ବାହିରିବେ। ଏହି ପଦଯାତ୍ରାରେ ସର୍ବଶ୍ରୀ କମ୍ବୁପାଣି ପରିଛା, ତ୍ରିନାଥ ସେଠୀ, ଅଭିମନ୍ୟୁ ପ୍ରଧାନ, ସୀତାକାନ୍ତ ପ୍ରଧାନ, ପୁରୁଷୋତ୍ତମ ପ୍ରଧାନ, ଘାସିରାମ ଜେନା, ମଧୁସୂଦନ ବେହେରା, ନଗେନ ମହାରଣା ଓ ପୂର୍ଣ୍ଣଚନ୍ଦ୍ର ମିଶ୍ର ପ୍ରମୁଖ ସାମିଲ ହୋଇଛନ୍ତି।

## ପୂର୍ବତନ ବିଧାୟକଙ୍କ ସ୍ମୃତିସଭା

ରମ୍ଭା/ଗଞ୍ଜାମ,୩।୧(ସମିସ): ଗଞ୍ଜାମ ବ୍ଲକ୍ ଅଧୀନସ୍ଥ ପୂର୍ବତନ ବିଧାୟକ ସ୍ୱର୍ଗତ ଦୈତାରୀ ବେହେରାଙ୍କ ଷଷ୍ଠ ଶ୍ରାଦ୍ଧ ବାର୍ଷିକୀ ନିଜ ଗ୍ରାମ ସୁବଳୟାସ୍ଥ ଗୋପାଳ କୃଷ୍ଣ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ, ସମ୍ମାନିତ ଅତିଥି ଭାବେ ଗଞ୍ଜାମ ବ୍ଲକ୍ ଅଧ୍ୟକ୍ଷା ଶର୍ମିଷ୍ଠା ପ୍ରଧାନ, ପୂର୍ବତନ ବିଧାୟକ ଅଶୋକ କୁମାର ଚୌଧୁରୀ, ବରିଷ୍ଠ ସାମ୍ବାଦିକ ସୁଦର୍ଶନ ଛୋଟରାୟ, ଗୋପାଳକୃଷ୍ଣ ଉଚ୍ଚ ମାଧ୍ୟମିକ ବିଜ୍ଞାନ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ଼ ସି ଏଚ୍ ସୁଧାକର, ଗଞ୍ଜାମ ଜିଲ୍ଲା ବିଜେପି ସାଧାରଣ ସଂପାଦକ ଅନିଲ ପଣ୍ଡା, ଦୁର୍ଯ୍ୟୋଧନ ରେଡ୍ଡୀ, ଅବସରପ୍ରାପ୍ତ ଗଂଜାମ ଶିକ୍ଷା ଜିଲ୍ଲା ଅଧିକାରୀ ନିରଞ୍ଜନ ତ୍ରିପାଠୀ, ଶ୍ରମିକ ନେତା ଶଙ୍କର ଦାଶ, ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷ ହରିକୃଷ୍ଣ ରେଡ୍ଡୀ, କବି ପ୍ରଶାନ୍ତ ମହାନ୍ତି, ଅବସରପ୍ରାପ୍ତ ଗୋଷ୍ଠୀ ଉନ୍ନୟନ ଶିକ୍ଷାଧୀକାରୀ ଲିଙ୍ଗରାଜ ସ୍ୱାଇଁ ଯୋଗ ଦେଇଥିଲେ। ସମ୍ପାଦକ ଅଶୋକ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

### ୪୬୮ ଚାଷୀଙ୍କଠାରୁ କିଣାଗଲାଣି ୧୯ ହଜାର ୮୧୧ କ୍ୱିଣ୍ଟାଲ ଧାନ

# ଏବେ ବି ସରିନି ପ୍ଲଟର ସାଟେଲାଇଟ ସର୍ଭେ

ଛତ୍ରପୁର,୩।୧(ସମିସ)

ଡିସେମ୍ବର ୨୩ରୁ ଗଞ୍ଜାମ ଜିଲ୍ଲାରେ ଧାନ କିଣା ପ୍ରକ୍ରିୟା ଚାଲୁ ରହିଛି। ଏଯାବତ୍ ୪୬୮ ଜଣ ଚାଷୀଙ୍କ ୧୯ହଜାର ୮୧୧ କ୍ୱିଣ୍ଟାଲ ଧାନ ସଂଗ୍ରହ ହୋଇଥିବା ଜିଲ୍ଲା ଯୋଗାଣ ବିଭାଗ ପକ୍ଷରୁ ସୂଚନା ମିଳିଛି। ଧାନ ବିକ୍ରି କରିଥିବା ୧୨୮ ଜଣ ଚାଷୀଙ୍କ ବ୍ୟାଙ୍କ ଖାତାକୁ ୧କୋଟି ୩୫ ଲକ୍ଷ ୨୮ ହଜାର ୫୫୩ ଟଙ୍କା ଯାଇଥିବା ଯୋଗାଣ ବିଭାଗ ପକ୍ଷରୁ ସୂଚନା ମିଳିଛି। ଜିଲ୍ଲାକୁ ଏଯାବତ୍ ୮୭ ହଜାର ୫୯୨ ଜଣ ଚାଷୀଙ୍କୁ ଟୋକନ ଆସିଛି। ଏବେବି ଧାନ ଚାଷ ହୋଇଥିବା ପ୍ଲଟର ସାଟେଲାଇଟ ସର୍ଭେ କାର୍ଯ୍ୟ ଜାରି ରହିଛି। ସର୍ଭେ ସବୁ ସରିଯିବା ପରେ ଟୋକନ ମଧ୍ୟ ଆସିବ ବୋଲି ସୂଚନା ମିଳିଛି।

ଅନ୍ୟପକ୍ଷରେ ଜିଲ୍ଲାରେ ୨୦୨୫/୨୬ ବର୍ଷରେ ୧ ଲକ୍ଷ ୫୬ ହଜାର ୭୧୩ ଜଣ ଚାଷୀ ପଞ୍ଜୀକରଣ କରିଥିବା ବେଳେ ସାଟେଲାଇଟ୍ ସର୍ଭେ ପରେ ୧ ଲକ୍ଷ ୫୪ ହଜାର ୫୫୩ ଜଣ ସକ୍ରିୟ ଚାଷୀ ରହିଛନ୍ତି। ସର୍ଭେ ସରିବା ପରେ ଆହୁରି ଅନେକ ଚାଷୀ କଟିବେ। ଜିଲ୍ଲାରେ ଏଯାବତ ୧୪୫ଟି ମଣ୍ଡି ଖୋଲିଥିବା ବେଳେ ଆଗାମୀ ଦିନରେ ଅନ୍ୟସବୁ ମଣ୍ଡି ଖୋଲିବ। ଚଳିତ ଧାନକିଣା ପାଇଁ ୬୪ ଲକ୍ଷ କ୍ୱିଣ୍ଟାଲ ଧାନ ସଂଗ୍ରହ ଲକ୍ଷ୍ୟ ରଖାଯାଇଥିବା ବେଳେ ପ୍ରଥମ ପର୍ଯ୍ୟାୟରେ ୩୬ଲକ୍ଷ ୫୬ ହଜାର କ୍ୱିଣ୍ଟାଲ ଧାନ ସଂଗ୍ରହ ପାଇଁ ଧାର୍ଯ୍ୟ ଆସିଛି।

ଜିଲ୍ଲାରେ ୨୦୨୪/୨୫ ବର୍ଷରେ ୧ ଲକ୍ଷ ୪୬ ହଜାର ୫୦୪ ଜଣ ଚାଷୀ ପଞ୍ଜୀକରଣ କରିଥିବା ବେଳେ ସାଟେଲାଇଟ୍ ସର୍ଭେ ପରେ ୧ ଲକ୍ଷ ୪୪ ହଜାର ୬୮୪ ଜଣ ଚାଷୀ ସରକାରୀ ମଣ୍ଡିରେ ଧାନ ବିକ୍ରି ପାଇଁ ଯୋଗ୍ୟ ହୋଇଥିଲେ। ୬୦ ଲକ୍ଷ ୨୩ ହଜାର ୫୯୮ କ୍ୱିଣ୍ଟାଲ ଧାନ ସଂଗ୍ରହ ପାଇଁ ଲକ୍ଷ୍ୟ ଧାର୍ଯ୍ୟ ଆସିଥିବା ବେଳେ ୧ ଲକ୍ଷ ୩୯ ହଜାର ୮୮୪ ଜଣ ଚାଷୀଙ୍କ ଠାରୁ ୫୮ ଲକ୍ଷ ୮୦ ହଜାର ୮୫୪ କ୍ୱିଣ୍ଟାଲ ଧାନ ସଂଗ୍ରହ ହୋଇଥିବା ଜିଲ୍ଲା ଯୋଗାଣ ବିଭାଗ ପକ୍ଷରୁ ସୂଚନା ମିଳିଛି। ଗଞ୍ଜାମ ଜିଲ୍ଲାରେ ୨୩ଟି ତହସିଲ ଅଧିନ ୨୭୫୪ ଗାଁର ୨ ଲକ୍ଷ ୩୩ ହଜାର ୪୩୮ ସନ୍ଦିଗ୍ଧ ପ୍ଲଟର ସର୍ଭେ କାର୍ଯ୍ୟ ଜାରି ରହିଛି।

## ତହସିଲଦାରଙ୍କୁ ଋଷିକୁଲ୍ୟା ରୟତ ମହାସଭାର ଦାବିପତ୍ର



ପୋଲସରା,୩।୧(ସମିସ): ଋଷିକୁଲ୍ୟା ରୟତ ମହାସଭା ପୋଲସରା ଶାଖା ପକ୍ଷରୁ ଚାଷୀମାନଙ୍କ ମୌଳିକ ସମସ୍ୟା ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଋଷିକୁଲ୍ୟା ରୟତ ମହାସଭାର ଜିଲ୍ଲା ସମ୍ପାଦକ ସୀମାଞ୍ଚଳ ନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇ ଚାଷୀଙ୍କ ସମସ୍ୟା ଉପରେ ଆଲୋଚନା କରିବା ସହିତ ଧାନ ମଣ୍ଡିରେ ଚାଷୀ କିଭଳି ସୁବିଧାରେ ଓ ସଠିକ ଓଜନରେ ବିକ୍ରି କରି ଉଚିତ ସମୟରେ ଟଙ୍କା ପାଇବ ସେନେଇ ଆଲୋଚନା ହୋଇଥିଲା। ଏଥିସହ ମଣ୍ଡିରେ କଟ୍‌ନୀ ଛଟ୍‌ନୀ ଯେଭଳି ନ ହେବ ତା ପ୍ରତି ଗୁରତ୍ୱ ଦିଆଯାଇଥିଲା। ଏହାସହ ଚାଷୀଙ୍କ ୭ଦଫା ଦାବି ନେଇ ବିଡ଼ିଓ ଶଶିଭୂଷଣ ମହାପାତ୍ର ଛତ୍ରପୁର ଗସ୍ତ ହେତୁ ଖାଦ୍ୟ ଯୋଗାଣ ଅଧିକାରୀ ସନ୍ଦୀପ କୁମାର ବେହେରା ଏବଂ ପୋଲସରା ତହସିଲଦାର ଦୀପ୍ତିମୟୀ ପାତ୍ରଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏହି ଅବସରରେ ଋଷିକୁଲ୍ୟା ରୟତ ମହାସଭାର ଆବାହକ ଭାବେ ସାମ୍ବାଦିକ ତଥା ଚାଷୀ ଶିବ ପ୍ରସାଦ ସାହୁ ଓ ହୀନ ସ୍ୱାଇଁଙ୍କୁ ଚୟନ କରାଯାଇଥିବା ବେଳେ ଉପଦେଷ୍ଟା ଭାବେ ବିପିନ ବିହାରୀ ପ୍ରଧାନ ଓ ପ୍ରମୋଦ କୁମାର ରଥଙ୍କୁ ଚୟନ କରାଯାଇଥିଲା। ବୈଠକରେ ହୀନ ସ୍ୱାଇଁ, ଶିବ ପ୍ରସାଦ ସାହୁ, ରୋହିତ ପ୍ରଧାନ, ଦୁଃଖିଶ୍ୟାମ ପ୍ରଧାନ, ନାରାୟଣ ପ୍ରଧାନ, ଜ୍ୟୋତିର୍ମୟୀ ଦାସ, ଶଙ୍କର ଡାକୁଆ, ଉଦ୍ଧବ ବେହେରା, ରାଜୁ ଗୌଡ଼, ପଞ୍ଚୁ ସାହୁ ସମେତ ବହୁ ଅଗ୍ରଣୀ ଚାଷୀ ଯୋଗ ଦେଇଥିଲେ।

## ପରିବେଶଗତ ନ୍ୟାୟ ସଚେତନତା କାର୍ଯ୍ୟକ୍ରମ

କୋଦଳା,୩।୧(ସମିସ): କୋଦଳା କୋର୍ଟ ପରିସରରେ ତାଲୁକ ଲିଗାଲ ସର୍ଭିସ କମିଟି ପକ୍ଷରୁ ପରିବେଶଗତ ନ୍ୟାୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲା ଓ ଦୌରାଜଜ ତଥା ତାଲୁକ ଲିଗାଲ ସର୍ଭିସ କମିଟି ଅଧ୍ୟକ୍ଷ ବିଶ୍ୱରଞ୍ଜନ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସୁସ୍ଥ ଜୀବନଯାପନ କରିବା ପାଇଁ ଉତ୍ତମ ପରିବେଶ ନିତାନ୍ତ ଆବଶ୍ୟକ ବୋଲି ମଞ୍ଚାସୀନ ଅତିଥି କହିଥିଲେ। ବରିଷ୍ଠ ଦେୱାନୀ ଅଦାଲତ ବିଚାରପତି ରେଖାରାଣୀ ପଣ୍ଡା, ଜେଏମ୍‌ଏଫସି ଶୋଭନ କୁମାର ପଣ୍ଡା ପରିବେଶ ବିଷୟରେ ଆଲୋଚନା କରିଥିବା ବେଳେ ବନବିଭାଗ ଅଧିକାରୀ ଉପସ୍ଥିତ ଥିଲେ। ଏପିପି ସୁବାସ ଚନ୍ଦ୍ର ସାହୁ ସଭା ପରିଚାଳନା ସହିତ ନିଜର ସୁଚିନ୍ତିତ ବକ୍ତବ୍ୟ ପ୍ରଦାନ କରିଥିବା ବେଳେ ଏପିପି ଶୁଭ୍ରମଣୀ ଦାଶ, ବାର ସମ୍ପାଦକ ଗୋପାଳକୃଷ୍ଣ ସାହୁ, ବରିଷ୍ଠ ଆଇନଜୀବୀ ପ୍ରଫୁଲ୍ଲ କୁମାର ମିଶ୍ର ସମେତ ବହୁ ବରିଷ୍ଠ ଓ କନିଷ୍ଠ ଆଇନଜୀବୀ ଉପସ୍ଥିତ ରହି ପରିବେଶ ଉପରେ ସୁଚିନ୍ତିତ ମତାମତ ରଖିଥିଲେ। ଏପିପି ସୁବାସ ଚନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ବରିଷ୍ଠ



ଆଇନଜୀବୀ ଉଦୟ ନାଥ ପ୍ରଧାନ, କରୁଣା କର ସାହୁ, ଭଗବାନ ମହାପାତ୍ର, ସୋମନାଥ ବେହେରା, ଭାଗିରଥି ନାୟକ, ଭାଗିରଥି ବେହେରା, ନୀଳମଣି ପଣ୍ଡା, ଭାସ୍କର ସ୍ୱାଇଁଙ୍କ ସମେତ କୋର୍ଟ କର୍ମଚାରୀ ପରିଚାଳନା କରିଥିଲେ।

## ଶ୍ରୀଭରତପତି ମହାବିଦ୍ୟାଳୟର ବାର୍ଷିକ କ୍ରୀଡ଼ା



ପାତ୍ରପୁର,୩।୧(ସମିସ): ପାତ୍ରପୁର ବ୍ଲକ ସାମନ୍ତିଆପଲ୍ଲୀ ସ୍ଥିତ ଶ୍ରୀଭରତପତି ମହାବିଦ୍ୟାଳୟର ୪୨ତମ ବାର୍ଷିକ କ୍ରୀଡା ଉଦଯାପିତ ହୋଇଯାଇଛି। ଅଧ୍ୟକ୍ଷ ଡ. ଗିରିଶ ଚନ୍ଦ୍ର ବେହେରା ପୌରହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରା ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ ସହ ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ସମ୍ମାନିତ ଅତିଥି ଭାବେ ବ୍ରହ୍ମପୁର ସାଂସଦ ପ୍ରତିନିଧି ମୀନା ଦ୍ୟାନ ସାମନ୍ତରା ଯୋଗଦେଇ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ। ବଳରାମ ମହାପାତ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଅଧ୍ୟାପକ ଡ଼. ଜୟପ୍ରକାଶ ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ କ୍ରୀଡ଼ା ଶିକ୍ଷକ ସୁଧାକର ବିଷୋୟୀ, କେ. ଶ୍ରୀନିବାସ ରାଓ, ଜିସୁନ୍ ପ୍ରସାଦ ବେହେରା, ସାଇମଣ୍ଡ ଗହର, ପି.ଦୁର୍ଯ୍ୟୋଧନ ରେଡ୍ଡୀ ଓ ଡି.କୁମାର ପ୍ରମୁଖ ମଞ୍ଚାସୀନ ରହିଥିଲେ। କ୍ରୀଡା ଉତ୍ସବରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଓ ଛାତ୍ରଛାତ୍ରୀ ସହଯୋଗ କରିଥିଲେ। ଯୁକ୍ତ ତିନି ବିଭାଗରେ କିଷାନ ବେହେରା ଓ ଶର୍ମିଷ୍ଠା ପ୍ରଧାନ, ଯୁକ୍ତ ଦୁଇ ବିଭାଗରେ ଡି.ସୁନିଲ ଓ ଏ.ଗୋଲାପୀ ଚାମ୍ପିଅନ ହୋଇଥିଲେ।

## ଶ୍ରୀରାମ ଚରିତ ମାନସ ପାରାୟଣ ଉଦ୍‌ଯାପିତ

ବୁଗୁଡା,୩।୧(ସମିସ): ବୁଗୁଡ଼ା ବ୍ଲକ କରଚୁଲି ଗ୍ରାମରେ ଶ୍ରୀରାମ ଚରିତ ମାନସ ନବାହ୍ନ ପରାୟଣ ଓ ପ୍ରବଚନ ମହାଯଜ୍ଞ ଉଦ୍‌ଯାପିତ ହୋଇଯାଇଛି। କରଚୁଲି ମଠାଧିଶ ସତ୍ୟାନନ୍ଦ ଗିରିଙ୍କ ମାର୍ଗଦର୍ଶନରେ ସମସ୍ତ କାର୍ଯ୍ୟ ସମ୍ପାଦନା ହେଉଥିବା ବେଳେ ପୁରୋହିତ ଶିଶିର କୁମାର ଦାସଙ୍କ ଦ୍ୱାରା ପ୍ରାତଃକାଳୀନ ପୂଜନ ଓ ଗହଙ୍ଗୁ ମଠାଧିସ ରାଘବାନନ୍ଦ ଦାସଙ୍କ ଦ୍ୱାରା ପାରାୟଣ ଅନୁଷ୍ଠିତ ହୋଇଯାଇଛି। ପ୍ରବଚକ ଭାବରେ ସ୍ୱାମୀ ପରମାନନ୍ଦ ସରସ୍ୱତୀ, ପଣ୍ଡିତ ଗୋପାଳ ରାଜଗୁରୁ ଓ ପୂଜ୍ୟ ସନ୍ଥ ସନ୍ତୋଷ ଚୈତନ୍ୟ ବ୍ରହ୍ମଚାରୀଙ୍କ ଦ୍ୱାରା ରାମ ଚରିତ ମହିମା ସମ୍ପର୍କରେ ବହୁମୂଲ୍ୟ ପ୍ରବଚନ ପ୍ରଦାନ କରାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ରାମ ଚରିତ ମାନସ ସମିତିର ପୂର୍ବତନ ସଭାପତି ବିଜୟ କୁମାର ପାତ୍ର, ସମ୍ପାଦକ ଅଭିମନ୍ୟୁ ପ୍ରଧାନ ଓ କୋଷାଧ୍ୟକ୍ଷ ରଜନୀକାନ୍ତ ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିବା ବେଳେ ପରିଚାଳନା କମିଟିର ସଭାପତି ପୂର୍ଣ୍ଣଚନ୍ଦ୍ର ପଟ୍ଟନାୟକ,ସମ୍ପାଦକ ସଦାନନ୍ଦ ପାତ୍ର,କୋଷାଧକ୍ଷ କୃଷ୍ଣଚନ୍ଦ୍ର ଡାକୁଆ ଏବଂ ଗ୍ରାମବାସୀ ସହଯୋଗ କରିଥିଲେ।

## ବାଇକ୍ ଧକ୍କାରେ ଶିଶୁ ଗୁରୁତର

ପାରଳାଖେମୁଣ୍ଡି,୩।୧(ସମିସ): ପାରଳାଖେମୁଣ୍ଡି ଥାନା ଅନ୍ତର୍ଗତ ରାମସାଗର ନିକଟରେ ବିଳମ୍ବିତ ସନ୍ଧ୍ୟାରେ ଏକ ସଡ଼କ ଦୁର୍ଘଟଣାରେ ବାଇକ ଚାଳକଙ୍କ ସମେତ ଦୁଇ ଆହତ ହୋଇଛନ୍ତି। ଆହତ ଶିଶୁଙ୍କ ଅବସ୍ଥା ସଂକଟାପନ୍ନ ହେବାରୁ ଆନ୍ଧ୍ରପ୍ରଦେଶର ଶ୍ରୀକାକୁଲମ୍‌କୁ ସ୍ଥାନାନ୍ତର କରାଯାଇଛି। ଆହତ ଶିଶୁ ଜଣକ ସେହି ଅଞ୍ଚଳର ସାଇକ୍ରିଷ୍ଣା ବେହେରା ବୋଲି ଜଣାପଡ଼ିଛି। ଘଟଣା ସ୍ଥଳରେ ପାରଳାଖେମୁଣ୍ଡି ପୁଲିସ ପହଞ୍ଚି ସାଇକଲ ଓ ବାଇକ୍ ଜବତ କରିଛି। ଖବର ଲେଖାହେବା ସୁଦ୍ଧା ଏନେଇ ଥାନାରେ କୋ÷ଣସି ରିପୋର୍ଟ ହୋଇନଥିବା ଜଣାପଡିଛି।

## ମହିଳାଙ୍କ ଆତ୍ମହତ୍ୟା ଅଭିଯୋଗ

ପୋଲସରା,୩।୧(ସମିସ): ପୋଲସରା ଥାନା ଅନ୍ତର୍ଗତ ଧୋବାସାହିରେ ଜଣେ ମହିଳା ରଶି ଲଗାଇ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ମୃତକ ହେଲେ କବିସୂର୍ଯ୍ୟନଗର ଥାନା ହରିଡ଼ାପଦାର ପୂର୍ଣ୍ଣଚନ୍ଦ୍ର ନାହାକଙ୍କ ସ୍ତ୍ରୀ ସନ୍ତୋଷିନୀ ନାହାକ (୩୦)। ପରିବାର ସଦସ୍ୟଙ୍କ ସୂଚନା ପ୍ରକାରେ ସନ୍ତୋଷିନୀ ଶୁକ୍ରବାର ରାତିରେ ନିଜ ବାପଘର ପୋଲସରା ଆସିଥିଲେ। ଶନିବାର ଝୁଲନ୍ତା ଅବସ୍ଥାରେ ତାଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। ପ୍ରେମ ଜନିତ ଘଟଣାକୁ ନେଇ ସନ୍ତୋଷିନୀ ଆତ୍ମହତ୍ୟା କରିଥିବା ନେଇ ପରିବାର ସୂତ୍ରରୁ ସୂଚନା ମିଳିଛି। ପୁଲିସ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଘଟଣାର ତଦନ୍ତ ଜାରି ରଖିଥିବା ଇନ୍ସପେକ୍ଟର ବିମଳ କହଁର ସୂଚନା ଦେଇଛନ୍ତି। ଏନେଇ ପୋଲସରା ଥାନାରେ ଏକ ମାମଲା ରୁଜୁ ହୋଇଛି।

## ଜାତୀୟ ସେବା ଯୋଜନା ଶିବିର

ଆସିକା,୩।୧(ସମିସ): ଆସିକା ବିଜ୍ଞାନ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ଶୀତକାଳିନ ଶିବିର ଉଦ୍‌ଯାପିତ ହୋଇଯାଇଛି। ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରଫେସର ବିଭୂତି ଭୂଷଣ ବେବର୍ତ୍ତାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ଉପସ୍ଥିତ ଥିଲେ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସାରଙ୍ଗଧର ଦାଶ, ସମ୍ମାନିତ ଅବସର ପ୍ରାପ୍ତ ଶିକ୍ଷକ ଗୋବିନ୍ଦ ଚନ୍ଦ୍ର, ମହାବିଦ୍ୟାଳୟର ଭାରତ ସ୍କାଉଟ୍ ଗାଇଡ୍ସର ଅଧିକାରୀ ଆଇ.ଟି ଅଧ୍ୟାପକ ସରୋଜ କୁମାର ପଣ୍ଡା। ଯୁକ୍ତ ତିନି ଜାତୀୟ ସେବା ଯୋଜନାର ଅଧିକାରୀ ଚିତ୍ରସେନ ବେହେରା ସଭା ପରିଚାଳନା କରିଥିଲେ। ପୂର୍ବତନ ଜାତୀୟ ସେବା ଯୋଜନା ଅଧିକାରୀ ଚନ୍ଦନ ମାରାଣ୍ଡି ପ୍ଲାଷ୍ଟିକ୍ ମୁକ୍ତ ଭାରତ ପାଇଁ ସମସ୍ତଙ୍କୁ ନିବେଦନ କରିଥିଲେ। ମହାବିଦ୍ୟାଳୟର ମହିଳା ଶାଖା ସ୍କାଉଟ୍ ରୋଭର୍ସ ଅଧିକାରୀ ଅଧ୍ୟାପିକା ରଶ୍ମିପ୍ରିୟା କାଲୋ ଏବଂ ଯୁବ ରେଡ୍ ରିବନ କ୍ଲବର ଉପଦେଷ୍ଟା ଡ. ମାଧୁରୀ ହେମ୍ବ୍ରମ ମଧ୍ୟ ଉପସ୍ଥିତ ଥିଲେ।

## ମାଗଣା ସ୍ୱାସ୍ଥ୍ୟ ସେବା ଶିବିର

ରଙ୍ଗେଇଲୁଣ୍ଡା,୩।୧(ସମିସ): କନିଷି ତହସିଲ ମାଣିକପୁରଠାରେ ଆଜି କୋଲା ରାମମୂର୍ତ୍ତି ଚାରିଟେବୁଲ ଟ୍ରଷ୍ଟି ପକ୍ଷରୁ ମାଗଣା ସ୍ୱାସ୍ଥ୍ୟସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ହାଇଦ୍ରାବାଦସ୍ଥିତ ଯଶୋଦା ହସ୍ପିଟାଲର ନିର୍ଦ୍ଦେଶକ ଡ଼ଃ. କେ. ଭେଙ୍କେଟ ରମଣ ଓ କେୟାର ହସ୍ପିଟାଲର ଚର୍ମରୋଗ ବିଶେଷଜ୍ଞ ଡ଼ଃ. ପଦ୍ମଶ୍ରୀ ଦୀପ୍ତି ଶିବିରରେ ଯୋଗଦେଇ ଆଖପାଖ ଅଞ୍ଚଳର ୪ ଶହରୁ ଊର୍ଦ୍ଧ୍ୱ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ମାଗଣା ଔଷଧ ଦେଇଥିଲେ। ଶିବିରରେ ମହୁଡା ଫାର୍ମାସିଷ୍ଟ କଲେଜର ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। କେ. ଶିବ ଗୋପାଳ, କେ. ପ୍ରେମେଶ୍ୱର ରାଓ, କେ.ଜଗନ୍ନାଥ ରାଓ, କେ. ବାଲ ଗୋପାଳ, କେ. ତେଜେଶ୍ୱର, କେ.ବିବେକ, କେ.ଭାଶିଷ୍ଟ, କେ. ଇନ୍ଦ୍ରା, କେ.ଭାଗ୍ୟଲକ୍ଷ୍ମୀ, ଏନ. ରାମନା, ଇ. ଜଗଦେଶ୍ୱରୀ, ଇ. ଏଲ ମୂର୍ତ୍ତି ପ୍ରମୁଖ ଶିବିର ପରିଚାଳନା କରିଥିଲେ। କୋଠାରସିଂ ସମିତି ସଭ୍ୟ ଆଶିଷ ରାଉଳ, ପ୍ରଦୀପ କୁମାର ଶତପଥି, ସମାଜସେବୀ ତ୍ରିନାଥ ରେଡି, ରଙ୍ଗେଇଲୁଣ୍ଡା ବ୍ଲକ ଅଧ୍ୟକ୍ଷା ପ୍ରତିନିଧି ସିଏଚ. ନରେଶ ପ୍ରମୁଖ ଶିବିରରେ ଉପସ୍ଥିତ ରହିଥିଲେ। ହିଦୋଳ ବିଧାୟିକା ସୀମାରାଣୀ ନାୟକ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ସାର୍ଟିଫିକେଟ ପ୍ରଦାନ କରିଥିଲେ।

# ବଟେଶ୍ୱର ରାସ୍ତା ନିର୍ମାଣରେ ବିଳମ୍ବ

ହନ୍ତସନ୍ତ ହେଉଛନ୍ତି ପର୍ଯ୍ୟଟକ



ଗଞ୍ଜାମ,୩।୧(ସମିସ): ଗଞ୍ଜାମ ବ୍ଲକ ଅନ୍ତର୍ଗତ ପ୍ରସିଦ୍ଧ ଶୈବପୀଠ ବଟେଶ୍ୱରକୁ ସଂଯୋଗ ରାସ୍ତା ନିର୍ମାଣାଧୀନ କାର୍ଯ୍ୟରେ ଅହେତୁକ ବିଳମ୍ବ ନେଇ ଅସନ୍ତୋଷ ବୃଦ୍ଧି ପାଉଛି। ନିର୍ମାଣ କାର୍ଯ୍ୟ ବିଳମ୍ବ ଯୋଗୁଁ ପର୍ଯ୍ୟଟକ ମଧ୍ୟରେ ଘୋର ଅସନ୍ତୋଷ ପ୍ରକାଶ ପାଉଛି। ଗୁରୁବାର ଦିନ ନୂତନ ବର୍ଷ ଯୋଗୁଁ ବଟେଶ୍ୱର ପୀଠକୁ ଭକ୍ତଙ୍କ ଭିଡ଼ ହେଉଥିବା ବେଳେ ରାସ୍ତାର ନିର୍ମାଣ ପାଇଁ ଦୀର୍ଘଦିନ ହେଲା ରାସ୍ତା ପାଶ୍ୱର୍ରେ ଖୋଳି ଦିଆଯାଇଥିବା ଯୋଗୁଁ ଯାନବାହାନ ଯିବା ଆସିବାରେ ଆସୁଥିବା ସୃଷ୍ଟି ହେଉଛି। ମାସେ ହେଲା ଖୋଳି ପଡ଼ିଥିବା ଯୋଗୁଁ ଠିକାଦାର ଜଣକ ଉକ୍ତ କାର୍ଯ୍ୟ ପାଇଁ ତତ୍ପରତା ନଥିବା ଜଣାପଡୁଛି। ରାସ୍ତା କାମରେ ବିଳମ୍ବ ଯୋଗୁଁ ଦୁର୍ଘଟଣା ମଧ୍ୟ ହେଉଛି। ଯାହାକୁ ନେଇ ସାଧାରଣ ମଧ୍ୟ ଘୋର ଅସନ୍ତୋଷ ପ୍ରକାଶ ପାଉଛି। ବର୍ତ୍ତମାନ ପିକ୍‌ନିକ୍ ଋତୁ ପାଇଁ ପର୍ଯ୍ୟଟକ ପ୍ରତ୍ୟେକ ଦିନ ବହୁ ସଂଖ୍ୟାରେ ଆସୁଥିବା ବେଳେ ରାସ୍ତା ପାଇଁ ସମସ୍ୟା ସୃଷ୍ଟି ହେଉଛି। ପ୍ରଶାସନ ପକ୍ଷରୁ ଏହି ସମସ୍ୟା ପ୍ରତି ଦୃଷ୍ଟି ଦେବାକୁ ୬ ଖଣ୍ଡ ଗ୍ରାମର ଜନସାଧାରଣ ପକ୍ଷରୁ ଦାବି ହେଉଛି।

## ପଇଡ଼ ବୋଝେଇ ପିକ୍‌ଅପ୍ ଓଲଟି ଚାଳକ ଆହତ

ହୁମ୍ମା,୩।୧(ସମିସ): ୧୬ନଂ. ଜାତୀୟ ରାଜପଥ ରାଜୁ ଢ଼ାବା ନିକଟରେ ଏକ ପଇଡ଼ ବୋଝେଇ ପିକ୍‌ଅପ୍ ଭ୍ୟାନ ଓଲଟି ଡ୍ରାଇଭର ଆହତ ହୋଇଛନ୍ତି। ଶୁକ୍ରବାର ବିଳମ୍ବିତ ରାତିରେ ବ୍ରହ୍ମପୁରରୁ ଭୁବନେଶ୍ୱର ଅଭିମୁଖେ ଯାଉଥିବା ଏହି ଭ୍ୟାନ୍ (ଏପି ୩୯ ଟିଏସ ୨୬୬୫) ଟିର ଆଗ ଟାୟାର ଫାଟିଯିବାରୁ ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା। ଫଳରେ ପଇଡ଼ ଗୁଡ଼ିକ ରାସ୍ତା ଉପରେ ପଡ଼ି ଯାତାୟତ ବାଧାପ୍ରାପ୍ତ ହୋଇଥିଲା। ଖବର ପାଇ ରମ୍ଭା ଥାନା ଏସ୍‌ଆଇ ଧରିତ୍ରୀ ବିଶ୍ୱାଳ ଓ ପୁଲିସ ଟିମ୍ ପହଞ୍ଚି ଭ୍ୟାନ ଓ ପଇଡ଼ ଗୁଡ଼ିକୁ ଉଦ୍ଧାର କରିଥିଲେ। ଅନ୍ୟପଟେ ଏହି ଦୁର୍ଘଟଣାରୁ ଆଖପାଖରେ ଯାଉଥିବା ବାଇକ ଆରୋହୀ ଅଳ୍ପକେ ବର୍ତ୍ତି ଯାଇଥିଲେ। ତେବେ ଆହତ ଡ୍ରାଇଭରଙ୍କ ପରିଚୟ ମିଳିପାରିନି।



## ଅବସରପ୍ରାପ୍ତ ସୈନିକ ସଂଘ ସଭାପତିଙ୍କୁ ସମ୍ବର୍ଦ୍ଧନା



କବିସୂର୍ଯ୍ୟନଗର,୩।୧(ସମିସ): ଅବସର ପରେ ସମସ୍ତ ସେବା ନିବୃତ୍ତ ସୈନିକ କର୍ମଚାରୀଙ୍କୁ ନେଇ ଅବସର ସୈନିକ ସଂଘ ଗଠନ କରି ସୈନିକଙ୍କୁ ସମାଜରେ ନାଯ୍ୟ ଅଧିକାର ସହ ଉତ୍ତମ ସମାଜ ଗଠନ, ଯୁବ ସମାଜକୁ ରାଷ୍ଟ୍ରନୀତି ଅନୁସରଣରେ ପରିଚାଳିତ ହେବାକୁ ପଥ ପ୍ରଦର୍ଶକ ସାଜିଥିବା କଂଗ୍ରେସ ପ୍ରଧାନଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ନିକଟରେ ନୂଆଦିଲ୍ଲୀରେ ଆୟୋଜିତ ଅବସର ଅଫିସର ସେମିନାରରେ ଅଦମ୍ୟ ସାହସ, ସମର୍ପଣ ଓ ଅତୁଟ ପ୍ରତିବଦ୍ଧତାକୁ ସମ୍ମାନ ଜଣାଇ ତାଙ୍କୁ ଭେଟେରାନ ଆଚିଭର ସମ୍ମାନ ପ୍ରଦାନ କରାଯାଇଥିଲା।

କବିସୂର୍ଯ୍ୟନଗର ଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସ୍ଥାନୀୟ ସମାଜସେବୀ ଜି. ଶମ୍ଭୁଲିଙ୍ଗମ ଅଚାରୀ, ଚାଷୀନେତା କୈଳାସ ସିଂ, ଅବସରପ୍ରାପ୍ତ ସୈନିକ ସଦାନନ୍ଦ ମାଝୀ ଓ ମା ଡେଣ୍ଟାଲ କ୍ଲିନିକ କର୍ମକର୍ତ୍ତା ଉପସ୍ଥିତ ଥିଲେ।

